ଧରିତ୍ରୀ
DHARITRI
April 2-8, 2023 ₹2/-



# ଗାଁର ସୁନାଝିଅ

ଏମାନେ ଗାଁକୁ ଯେମିତି ଭଲ ପାଆନ୍ତି, ସେମାନଙ୍କ ସମସ୍ୟାରେ ସେମିତି ବ୍ୟଥିତ ହୁଅନ୍ତି । ଗାଁ ଲୋକଙ୍କୁ ସଚେତନ କରିବା ସହ କେମିତି ସେମାନେ ବିଭିନ୍ନ ସମସ୍ୟାରୁ ବାହାରି ପାରିବେ ସେଥିପାଇଁ ବାଟ ଦେଖାନ୍ତି...

ପ୍ରଚ୍ଛଦ ପ୍ରସଙ୍ଗ
୩



# ସୁଖୀ ବୈବାହିକ ଜୀବନ ପାଇଁ ...

**ବୈବାହିକ ଜୀବନ ଯେତେ ସୁଖମୟ ହେବ ପରିବାରରେ ସେତେ ସୁଖଶାନ୍ତି ବଢିବ। ସେଥିପାଇଁ ସମସ୍ତଙ୍କର ଇଚ୍ଛା ଥାଏ ସୁଖୀ ଦାମ୍ପତ୍ୟ ଜୀବନ। ବାସ୍ତୁଶାସ୍ତ୍ରରେ ବି ଏଥିପାଇଁ ରହିଛି କିଛି ଉପାୟ; ଯାହାକୁ ଆପଣାଇ ଖୁସିରେ ବୈବାହିକ ଜୀବନକୁ ଉପଭୋଗ କରିହେବ...**

* ଲୁଣ ମିଶା ପାଣିରେ ଘର ପୋଛିଲେ ଘରୁ ନକାରାତ୍ମକ ଉର୍ଜା ଦୂର ହେବା ସଙ୍ଗେସଙ୍ଗେ ଦମ୍ପତିଙ୍କ ମଧ୍ୟରେ ଭଲ ପାଇବା ବଢିଥାଏ ବୋଲି ବିଶ୍ୱାସ କରାଯାଏ।
* ଘରେ ଲାଗିଥିବା ସମସ୍ତ କବାଟ ବିଶେଷକରି ମୁଖ୍ୟଦ୍ୱାରର କବାଟ ଯେମିତି ଭିତର ପଟକୁ



ଖୋଲୁଥିବ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ଆଉ ଏହି କବାଟ ଖୋଲିବା ସମୟରେ ଯେପରି କିଛି ଶବ୍ଦ ହେଉ ନଥିବ ସେଥିପାଇଁ ବି ସତର୍କ ରହିବା ଦରକାର। କାରଣ ଏହିସବୁ କଥା ବି ବୈବାହିକ ଜୀବନ ଉପରେ ଅନେକ କୁପ୍ରଭାବ ପକାଇଥାଏ।
* ଦମ୍ପତିଙ୍କ ଶୋଇବା ଘରେ ଦର୍ପଣ ରହିବା ଠିକ୍ ନୁହେଁ। ଯଦି ଅଛି ତା'ହେଲେ ଦମ୍ପତି ଶୋଇବା ସମୟରେ ଏହା ଉପରେ ପରଦା ପକାଇଦେବା ଆବଶ୍ୟକ।
* ଦମ୍ପତିଙ୍କ ଶୟନ କକ୍ଷରେ ପୂଜା ଘର ରହିବା ମଧ୍ୟ ଆଦୌ ଠିକ୍ ନୁହେଁ। ଏପରିକି ଅନେକେ କୁହନ୍ତି, ଠାକୁରଙ୍କ ଫଟୋ ପରିବର୍ତ୍ତେ ଯଦି ଏହି କକ୍ଷରେ ଯୋଡା ହଂସ କିମ୍ବା ଯୋଡା ପ୍ରେମପକ୍ଷୀଙ୍କର ଫଟୋ ଲଗାଯାଏ, ତା'ହେଲେ ଦମ୍ପତିଙ୍କ ମଧ୍ୟରେ ପ୍ରେମ ବଢିଥାଏ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୨-୮

**ମେଷ:** ନୂତନ ଯୋଜନାରମ୍ଭ, ଚିନ୍ତାଧାରାରେ ପରିବର୍ତ୍ତନ, ବ୍ୟବସାୟରେ ଉନ୍ନତି, ଦୂରଯାତ୍ରାରେ ଦ୍ୱନ୍ଦ୍ୱ, ଅର୍ଥସଂକଟ ଦୂର ହେବ, ଶାରୀରିକ ସୁସ୍ଥତା, ଶତ୍ରୁତାର ସମାଧାନ, ସ୍ତ୍ରୀଙ୍କ ପରାମର୍ଶ, କଳାସାହିତ୍ୟରେ ଉନ୍ନତି ॥

**ବୃଷ:** ଦୈହିକ ଦୁର୍ବଳତା, ବାଣିଜ୍ୟିକ ଅଭିବୃଦ୍ଧି, ନୂତନ କର୍ମାରମ୍ଭ, ବନ୍ଧୁ ପ୍ରସ୍ତାବ ଆସିବ, ଯାତ୍ରାରେ କଳହ, ସୌଖୀନଦ୍ରବ୍ୟ କ୍ରୟ, ପଡୋଶୀଙ୍କ ସହାନୁଭୂତି, ବ୍ୟବସାୟରେ ଲାଭ, ଆନୁଷ୍ଠାନିକ କାମରୁ ସମ୍ମାନ, ବ୍ୟୟବୃଦ୍ଧିରୁ ମନସ୍ତାପ, ଶୁଭ ଖବରପ୍ରାପ୍ତି ॥

**ମିଥୁନ:** କାର୍ଯ୍ୟସିଦ୍ଧିରୁ ଆନନ୍ଦ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ସ୍ୱାସ୍ଥ୍ୟରେ ଉନ୍ନତି, ବିବାଦୀୟ ଘଟଣାର ସମାଧାନ, ମୂଲ୍ୟବାନ ଦ୍ରବ୍ୟ କ୍ରୟ, ଶୁଭଖବର ପାଇବେ, ନୂଆସମ୍ପର୍କ ଯୋଡି ପାରନ୍ତି, ପରିଜନ ସହ ଭ୍ରମଣ, କର୍ମକ୍ଷେତ୍ରରେ ସମସ୍ୟା ॥

**କର୍କଟ:** ପାରିବାରିକ ସୌଖ୍ୟ, ଆର୍ଥିକ ସମସ୍ୟା, ବନ୍ଧୁଙ୍କ ଦୋଷାରୋପ, ଅସାବଧାନତାରୁ ଦ୍ରବ୍ୟ ନଷ୍ଟ, କଚେରୀ ମାମଲାରୁ ମନସ୍ତାପ, ମିତ୍ରବନ୍ଧୁରେ ସମ୍ପର୍କହାନୀ, ରୋଗପୀଡାରେ କଷ୍ଟ, ଉପରିସ୍ଥଙ୍କ ପରାମର୍ଶ ॥

**ସିଂହ:** କର୍ମକ୍ଷେତ୍ରରେ ସମସ୍ୟା, ପାରିବାରିକ ସହମତି, ଆଲୋଚନାରେ ସଫଳତା, ଯୋଜନାରେ ଅଗ୍ରଗତି,ବନ୍ଧୁଙ୍କ ସହ ବୁଝାମଣା, ଶ୍ରମଜନିତ କ୍ଳାନ୍ତିବୋଧ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, ସ୍ୱାସ୍ଥ୍ୟରେ ଉନ୍ନତି ॥

**କନ୍ୟା:** ଆର୍ଥିକ ଦୂରବସ୍ଥା, କର୍ମକ୍ଷେତ୍ରରେ ସମାଲୋଚନା, ଭ୍ରାତୃ ସମ୍ପର୍କରେ ଉନ୍ନତି, ଟେନସନ୍ କମିବ, ସରକାରୀ ସାହାଯ୍ୟରୁ ତିର୍ଥାଟନ, ପ୍ରତିବନ୍ଧକ ଦୂର ହେବ, ବ୍ୟବସାୟରେ ସଫଳତା, ସନ୍ତାନଙ୍କ କୃତିତ୍ୱ, ନୂତନ ମିତ୍ରତା,ଆନୁଷ୍ଠାନିକ ପ୍ରଶଂସା, ଧର୍ମକାର୍ଯ୍ୟ କରିବେ ॥

**ତୁଳା:** ମାନସିକ ଅସ୍ଥିରତା, ଦ୍ରବ୍ୟହାନୀରୁ କ୍ଷୋଭ, ଦୂରଯାତ୍ରାର ଯୋଜନା, କଠିନ ଶ୍ରମ, ଅନିଦ୍ରା ପୀଡାରୁ ସ୍ୱାସ୍ଥ୍ୟହାନୀ, ପାରିବାରିକ ସମସ୍ୟା, କର୍ମ ପରିସର ବୃଦ୍ଧି, ଲକ୍ଷ୍ୟ ପୂରଣ ହୋଇପାରେ, ଅର୍ଥର ଆବଶ୍ୟକତା ପଡିବ, ପ୍ରକାଶନରେ ବିଳମ୍ବ ॥

**ବିଛା:** ସ୍ଥଗିତ କର୍ମାରମ୍ଭ, ଅବହେଳାରୁ ମନସ୍ତାପ, ବନ୍ଧୁଙ୍କ ସମବେଦନା, ଆତ୍ମୀୟଙ୍କ ଆକ୍ଷେପୋକ୍ତି, ଯାନ୍ତ୍ରିକ ଜିନିଷ କ୍ରୟ, ଘରୋଇ କଳହର ସମାଧାନ, ପଡୋଶୀଙ୍କ ବିଶ୍ୱାସଘାତକତା, ନିର୍ମାଣ କାର୍ଯ୍ୟରେ ବିବାଦ, ଯାତ୍ରା ସ୍ଥଗିତ ରହିବ ॥

**ଧନୁ:** ମାନସିକ ସୁସ୍ଥତା, ବନ୍ଧୁସମ୍ପର୍କ ବ୍ୟାହତ ହୋଇପାରେ, ପ୍ରତୀକ୍ଷାର ଅନ୍ତ ଘଟିବ, ନୂଆ ସମ୍ପର୍କ ସୃଷ୍ଟି, ପୁରାତନ ରୋଗରେ ପୀଡା, ପରିବହନରେ ଝଗଡା, ସନ୍ତାନଙ୍କ କୃତିତ୍ୱରୁ ଆନନ୍ଦ, ଧର୍ମକାର୍ଯ୍ୟରେ ବିଘ୍ନ, ସଭାସମିତିକୁ ନିମନ୍ତ୍ରଣ ॥

**ମକର:** କର୍ମକ୍ଷେତ୍ରରେ ସହଯୋଗ, ଟେନ୍‌ସନ କମିଯିବ, ବନ୍ଧୁଚର୍ଚ୍ଚାରୁ ଆନନ୍ଦ, ସହକର୍ମୀ ଭୁଲ୍ ବୁଝିବେ, ଦୂରଯାତ୍ରା, ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ବିବାଦ, ମକଦ୍ଦମାରେ ସଫଳତା, ନୂତନ ନିଯୁକ୍ତି ଖବର ॥

**କୁମ୍ଭ:** ମନସ୍ତାପ ଦୂର ହେବ, ବ୍ୟବସାୟରେ ଉନ୍ନତି, ଯାତ୍ରାରେ ସମସ୍ୟା, ବ୍ୟୟ ସଂକୋଚ କରିବେ, ପାରିବାରିକ ସୌଖ, ଭ୍ରାତୃପ୍ରୀତି ମିଳିବ, ଭ୍ରମଣ ସୁଯୋଗ ପାଇବେ, ବିଜାତୀୟଙ୍କ ସାହାଯ୍ୟ, ସରକାରୀ ସାହାଯ୍ୟପ୍ରାପ୍ତି ॥

**ମୀନ:** ଆନୁଷ୍ଠାନିକ ସଫଳତା, କାର୍ଯ୍ୟବ୍ୟସ୍ତତା, ଯାତ୍ରାରେ ଦ୍ୱନ୍ଦ୍ୱ, ଆତ୍ମୀୟଙ୍କ ସହାନୁଭୂତି, ବନ୍ଧୁ ସହଯୋଗ ମିଳିବ, ରାଜକୀୟ ସମ୍ମାନ ପାଇବେ, ଆଶଙ୍କା ଦୂର ହେବ, ବନ୍ଧୁଙ୍କ ନିମନ୍ତ୍ରଣ, ଆରୋଗ୍ୟଲାଭରୁ ଆଶ୍ୱସ୍ତି, ସତ୍‌ସଙ୍ଗର ସୁଯୋଗ ॥

# ଖରାପାଇଁ କାକୁଡି ଜୁସ୍

**କା**କୁଡ଼ିକୁ ଅନେକେ ସାଲାଡ୍ କରି ଖାଇବାକୁ ପସନ୍ଦ କରିଥାନ୍ତି। କାରଣ ଏହା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବା ସହ ଖାଦ୍ୟକୁ ହଜମ କରାଇବାରେ ବିଶେଷ ସହାୟକ ହୋଇଥାଏ। କାକୁଡିକୁ ଯେ କେବଳ ସାଲାଡ୍ କରି ଖାଇହେବ ତାହା ନୁହେଁ, ଏହାକୁ ଗ୍ରାଇଣ୍ଡିଂ କରି ଏହାର ଜୁସ୍‌କୁ ମଧ୍ୟ ପିଇଲେ ଶରୀରକୁ ଅନେକ ଫାଇଦା ମିଳିଥାଏ। ବିଶେଷକରି ଖରାଦିନେ ଏହାର ଜୁସ୍ ପିଇବା ଶରୀର ପାଇଁ



ବହୁତ ଉପକାରୀ ହୋଇଥାଏ। କୁହାଯାଏ ଖରାଦିନେ ନିୟମିତ ବ୍ୟବଧାନରେ କାକୁଡି ଜୁସ୍ ପିଇଲେ ମନ, ମସ୍ତିଷ୍କ ଓ ସ୍ୱାସ୍ଥ୍ୟ ଭଲ ରହିଥାଏ। ଏପରିକି ଓଜନ କମାଇବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ବି ଚାହିଁଲେ ନିଜ ଡାଏଟ୍ ଚାର୍ଟରେ କାକୁଡି ଜୁସ୍‌କୁ ସାମିଲ କରିପାରିବେ। କାରଣ ଏହା ଶୀଘ୍ର ଓଜନ କମାଇବାରେ ବେଶ୍ ସହାୟକ ହୋଇଥାଏ। ଅନ୍ୟପକ୍ଷେ ଏହି ଜୁସ୍‌ରେ ପ୍ରଚୁର ମାତ୍ରାରେ ଭିଟାମିନ୍ ବି, ସି, କେ, ପୋଟାସିୟମ୍ ଓ ଆଣ୍ଟିଅକ୍ସିଡାଣ୍ଟ ରହୁଥିବାରୁ ଚେହେରାକୁ ଉଜ୍ଜ୍ୱଳତା ପ୍ରଦାନ କରିବା ସହ ଶରୀରକୁ ହାଇଡ୍ରେଟ୍ ରଖିବାରେ ବି ଏହା ବେଶ୍ ସାହାଯ୍ୟ କରିଥାଏ। କ୍ୟାନ୍‌ସର୍ ସହ ଲଢ଼ିବା, ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା, ଶରୀରର ଅସ୍ଥିଗୁଡ଼ିକୁ ମଜଭୁତ୍ କରିବା, ପାଚନ କ୍ରିୟାକୁ ସକ୍ରିୟ କରିବା ତଥା ମୁଖର ଦୁର୍ଗନ୍ଧକୁ ଦୂର କରିବାରେ ବି କାକୁଡି ଜୁସ୍ ବହୁତ ଉପକାରୀ ହୋଇଥାଏ।

# ପାଠକୀୟ

➤ ଦିବ୍ୟାଙ୍ଗ ହେଲେ ବି ଏମାନେ ନୁହନ୍ତି କାହାଠାରୁ କମ୍। ହାତ ସିନା ନାହିଁ, ହେଲେ ଗୋଡ଼କୁ ସେମାନେ ହାତ ସଜାଇ କରିପାରନ୍ତି ସବୁ କିଛି। ଏମିତି କି ସୁସ୍ଥ ମଣିଷଙ୍କଠାରୁ ବି ଏମାନେ ଦୁଇ ପାଦ ଆଗରେ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ତଥାପି ସକ୍ଷମ'ଟି ବେଶ୍ ମର୍ମସ୍ପର୍ଶୀ ଥିଲା। 'ଘରର ବାଲ୍‌କୋନି ପାଇଁ ବାସ୍ତୁ', 'ଖରାଦିନ ପାଇଁ ଦହି' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ତାପସ ସ୍ୱାଇଁ, ପିପିଲି, ପୁରୀ*

➤କେବଳ ଯେ ଜଣେ ସୁସ୍ଥସବଳ ଶରୀରଧାରୀ ମଣିଷ ସଫଳ ହୋଇପାରିବ, ଆଗକୁ ବଢ଼ିପାରିବ ତାହା ନୁହେଁ। ବେଳେବେଳେ ହାତ, ଗୋଡ଼ ନ ଥିବା ମଣିଷ ବି ଏମିତି କିଛି କରି ଦେଖାଏ ଯାହା ସୁସ୍ଥ ମଣିଷ ପକ୍ଷେ ସମ୍ଭବ ହୁଏନା। ଠିକ୍ ଯେମିତି ଏଇ ହାତ ନ ଥିବା ମଣିଷମାନେ। ହାତ ସିନା ନାହିଁ ହେଲେ ଏମାନେ ନୁହନ୍ତି କାହାଠାରୁ କମ୍। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ତଥାପି ସକ୍ଷମ' ସତରେ ସମସ୍ତଙ୍କ ପାଇଁ ଏକ ଶିକ୍ଷଣୀୟ ବିଷୟ ଥିଲା।

*– ରଘୁନାଥ ସାହୁ, ରାଣୀହାଟ, କଟକ*

➤ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'କଫ୍‌ତାନ୍ ଫ୍ୟାଶନ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। 'ସିଲେଇ ଦେଇଛି ପରିଚୟ', 'ସୁଷମାଙ୍କ ସଂକଳ୍ପ' ଆଦି ପାଠଗୁଡ଼ିକ ପ୍ରେରଣାଦାୟୀ ଥିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ପ୍ରତିଶୋଧ' ଶୀର୍ଷକ ଗପ ଓ 'ଯାତ୍ରା' ଏବଂ 'ପ୍ରଭୁ' ଶୀର୍ଷକ କବିତା ଦୁଇଟି ବି ହୃଦୟଛୁଆଁ ହୋଇଥିଲା। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ଲାଗୁଥିଲା।

*– ପ୍ରଭୁପାଦ ମିଶ୍ର, ଆଳି, କେନ୍ଦ୍ରାପଡ଼ା*

➤କବି, ସ୍ତମ୍ଭକାର ତଥା ଇଣ୍ଡଷ୍ଟ୍ରିଆଲ୍ ନାନୋ କୋଟିଂରେ ମାର୍କେଟିଂ କନ୍‌ସଲଟାଣ୍ଟ ଭାବେ କାର୍ଯ୍ୟରତ ଥିବା ମାନସ ରଞ୍ଜନ ନାୟକଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ହୃଦୟସ୍ପର୍ଶୀ ହୋଇଥିଲା। ସାଥୀର ଉତ୍ତରଗୁଡ଼ିକ ବି ରୋମାଣ୍ଟିକ୍‌ଭରା ଥିଲା। ଶିଶୁଙ୍କ ଜନ୍ମକୁ ନେଇ କେଉଁଠି କ'ଣ ସବୁ ଅଜବ ପ୍ରଥା ରହିଛି ତାହା ଛୁଟିଦିନରୁ ପଢି ଅନେକ ନୂଆ କଥା ଜାଣିହେଲା। ମଡେଲ୍ ମିରର୍‌ରେ ଅଦିତି ବେଶ୍ ସୁନ୍ଦରୀ ଦେଖାଯାଉଥିଲେ।

*– ଅନିତା ଦ୍ୱିବେଦୀ, ଝାରସୁଗୁଡ଼ା*

➤ସହର ପୃଷ୍ଠାରୁ 'ସୌନ୍ଦର୍ଯ୍ୟର ଗନ୍ତାଘର ରତ୍ନାଗିରି' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ସିଲିଂ ଫ୍ୟାନ୍' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଗ୍ଲାମରସ୍ ମେକାନିକ୍', 'ରାମ କନ୍ଦମୂଳ', 'ଘରକୁ କଲେ ଆକ୍ୱାରିୟମ୍' ଆଦି ପାଠଗୁଡ଼ିକ ଆଶ୍ଚର୍ଯ୍ୟକର ସହ ତଥ୍ୟପୂର୍ଣ୍ଣ ଥିଲା। 'ଶ୍ରଦ୍ଧାଞ୍ଜଳି ବିଡ଼ମ୍ବନା' ଶୀର୍ଷକ ବ୍ୟଙ୍ଗ ବି ଶିକ୍ଷଣୀୟ ଥିଲା।

*– ମୌସୁମୀ ମହାନ୍ତି, ପଟିଆ, ଭୁବନେଶ୍ୱର*

## ବିଶେଷ ଚିଠି




ତଥାପି ସକ୍ଷମ ପ୍ରଚ୍ଛଦ
ମନରେ ଆଶାର ଆଲୋକ ଦେଲା
କବିଙ୍କ କବିତା ସିନେମାର କଥା
ପଢ଼ିଲି ଭଲ ଲାଗିଲା।
ବାସ୍ତୁ ଉପଚାର ମଡ଼େଲ ମିରର୍
କଳାକାର କଳାକୃତି
ସହରଠୁ ଦୂର ବିବିଧାର ପୃଷ୍ଠା
ଦିଏ ନୂଆ ଅନୁଭୂତି।
ମଜାଳିଆ ଗପ ହସ ହସ କଥା
ଖୁସି କରି ଦିଏ ମନ
ଲେଖକଙ୍କ କରେ ପୁସ୍ତକ ସମୀକ୍ଷା
ଧରିତ୍ରୀର ଛୁଟିଦିନ।

*–କ୍ଷିତୀଶ ଜେନା*
*କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଗାଁର ସୁନା ଝିଅ

ଏମାନେ ନିଜ ଗାଁକୁ ଯେମିତି ଭଲ ପାଆନ୍ତି ଗାଁ ଲୋକଙ୍କ ସମସ୍ୟା ଦେଖିଲେ ସେମିତି ବ୍ୟଥିତ ହୋଇପଡନ୍ତି। ଗାଁ ଲୋକଙ୍କୁ କେମିତି ସଚେତନ କରିବେ, ସମସ୍ୟାରୁ ବାହାର କରିବେ ଆଉ ସେମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ପାଇବାର ବାଟ ଦେଖାଇବେ ସେହି ଚିନ୍ତାରେ ଥାଆନ୍ତି ଏମାନେ। ନିଜ ଗାଁ ଲୋକଙ୍କ ପାଖରେ ସୁନା ଝିଅର ଆଖ୍ୟା ପାଇଥିବା ଏଇ ଝିଅ ମାନଙ୍କ ସମ୍ପର୍କରେ...

**ଅଞ୍ଜଳିଙ୍କ ପାଇଁ ଅଞ୍ଜଳି ସେତୁ**–ବଣପାହାଡ଼ ଘେରା ଗାଁଟିଏ। ଗାଁକୁ ଲାଗିରହିଛି ଛୋଟ ନଈଟିଏ। ଏହି ଗାଁରେ ବାସ କରୁଥିବା ବାସିନ୍ଦାମାନେ ନିଜର ଜୀବିକା ନିର୍ବାହ ପାଇଁ ଜଙ୍ଗଲ ଓ ଚାଷବାସ ଉପରେ ନିର୍ଭରଶୀଳ। ଗାଁକୁ ଲାଗି ରହିଛି ଗୋଟିଏ ଛୋଟ ସହର। ଏଠାକାର ଲୋକମାନେ ପ୍ରତିଦିନ ବିଭିନ୍ନ କାମଧନ୍ଦାରେ ସହରକୁ ଯିବାକୁ ହେଲେ ପ୍ରଥମେ ନଈ ପାର ହେବାକୁ ପଡ଼ିଥାଏ। ଯେଉଁଥିପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଆଜକୁ ପ୍ରାୟ ଆଠବର୍ଷ ତଳେ ୨୦୧୫ରେ ଏହି ଗାଁକୁ ଆସିଥିଲେ ଜଳସେଚନ ବିଭାଗର ଜଣେ ସଚିବ। ପାଖ ପିଟୁଆଗୁଡ଼ା ନଈକୂଳରେ ଗାଁ ଲୋକଙ୍କ ସହିତ କଥା ହେଉଥିଲେ। ସେହି ସମୟରେ ଏହି ଗାଁର ୫ମ ଶ୍ରେଣୀରେ ପଢୁଥିବା ଝିଅଟି ସ୍କୁଲରୁ ଘରିବାବେଳେ ସେମାନଙ୍କ ପାଖକୁ ଯାଇ କହିଥିଲା– ସେତୁଟିଏ ନ ଥିବାରୁ ଆମ ଗାଁର ଲୋକ ବହୁତ ହଇରାଣ ହଉଛନ୍ତି। ଆମ ଗାଁକୁ ସେତୁଟିଏ କରିଦିଅ ବାବୁ ନଇଲେ ଆମେ ଭାସିଯିବୁ। ଏଇ କେଇପଦ କଥା ସେଦିନ ସଚିବଙ୍କ ମନକୁ ଚହଲାଇ ଦେଇଥିଲା। ତା'ପରେ ସେଠାରେ ଏକ ସେତୁ ନିର୍ମାଣ ଲାଗି ପ୍ରସ୍ତାବ ଯାଇଥିଲା। ଯାହା କିଛିଦିନ ପରେ ବାସ୍ତବ ରୂପ ନେଇଥିଲା। ଏଇ ଘଟଣାଟି ଥିଲା କୋରାପୁଟ ଜିଲା ପୌରାଞ୍ଚଳ ୧୬ ନମ୍ବର ୱାର୍ଡର ତେନ୍ତୁଳିଗୁଡ଼ା ଗାଁର। ଏହି ଗାଁରେ ପ୍ରାୟ ୫ ୦ପରିବାରରେ ୩୦୦ ଲୋକ ବାସକରନ୍ତି। ଗାଁର ଅଧିକାଂଶ ଲୋକ ଚାଷ କରିବା ସହ ଦିନମଜୁରିଆ ଭାବରେ କାମ କରନ୍ତି। ଗ୍ରାମବାସୀଙ୍କ ପାଇଁ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସାତସପନ ଥିଲା। ଏହା ଦେଖି ଦେଖି କୁନି ଝିଅ ଅଞ୍ଜଳି ଭାବୁଥିଲେ କେମିତି ଗାଁ ଲୋକ ଏହି ସମସ୍ୟାରୁ ମୁକ୍ତି ପାଇବେ। ଅଞ୍ଜଳି ହେଉଛନ୍ତି ଏହି ଗାଁର କୁମାର ସୁନା ଓ ତୁଳାବତୀ ସୁନାଙ୍କ ଝିଅ। ଛୋଟ ଝିଅ ହେଲେ ବି ପାଠପଢା ସହ ବାପାମାଙ୍କୁ ବିଭିନ୍ନ କାର୍ଯ୍ୟରେ ସେ ସାହାଯ୍ୟ ସହଯୋଗ କରନ୍ତି। ଏପରି କି ନିଜ ପାଠପଢ଼ା ଖର୍ଚ୍ଚ ଉଠାଇବା ପାଇଁ ସେ ବିଭିନ୍ନ ସମୟରେ ଚାଷ କରି ପଇସା ରୋଜଗାର କରିଥାନ୍ତି। ସେ ଥିଲେ ସତରେ ଏକ ସୁନା ଝିଅ। ଯିଏକି କେବଳ ପରିବାରର ସମସ୍ୟା ବୁଝୁ ନ ଥିଲେ ଗାଁର ସମସ୍ୟା ବି ତାଙ୍କୁ ବ୍ୟସ୍ତ କରିପକାଉଥିଲା। ଗାଁର ସବୁଠୁ ବଡ଼ ସମସ୍ୟା ଥିଲା ସହରଠାରୁ ବିଚ୍ଛିନ୍ନ ହୋଇ ରହିବା। ସେ ଜାଣିଥିଲେ ଯଦି ପିଟୁଆଗୁଡ଼ା ନଈରେ ଏକ ସେତୁ ନିର୍ମାଣ ହୋଇପାରିବ ଗାଁର ସମସ୍ୟା ସୁଧୁରିଯବ। ତେଣୁ ସେଦିନ ସେ ସଚିବଙ୍କ ଆଗରେ ସେତୁ ପାଇଁ ଅଳି କରିଥିଲେ। ଝିଅଟିର ଅଳି ଶୁଣି ଶେଷରେ ସଚିବ ସବୁଜ ସଙ୍କେତ ଦେଇଥିଲେ। ସେତୁ ନିର୍ମାଣ ହେବାପରେ ଗ୍ରାମବାସୀ ଚାହିଁଥିଲେ ଯେ ସେଇ ଝିଅ ନାଁରେ ହିଁ ସେତୁର ନାମକରଣ ହେଉ। ଶେଷରେ ତାହା ହିଁ ହେଲା। ଆଉ ସେତୁର ନାଁ ରହିଲା–'ଅଞ୍ଜଳି ସେତୁ'। ଏବେ ତେନ୍ତୁଳିଗୁଡ଼ାବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଲୋକମାନେ ପ୍ରତିଦିନ ଅଞ୍ଜଳି ସେତୁରେ ଯାତାୟାତ କରିପାରୁଛନ୍ତି। ଆଗରୁ ଗାଁର ଛାତ୍ରୀଛାତ୍ର ଯେବେ ସୁନାବେଢ଼ାକୁ ପଢ଼ିବାକୁ ଯାଆନ୍ତି ପ୍ରତିଦିନ ଅଟୋ ଖର୍ଚ୍ଚ ବାବଦରେ ଶତାଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏଠାର ଅଧିକାଂଶ ବାସିନ୍ଦା ଗରିବ ଆଦିବାସୀ ଶ୍ରେଣୀର। ଅଭିଭାବକମାନେ ପିଲାଙ୍କୁ ଗାଁଠାରୁ ଦୂରସ୍ଥାନକୁ ପାଠପଢ଼ା ପାଇଁ ଛାଡୁଥିବାରୁ ଏତେ ଖର୍ଚ୍ଚ ବହନ କରିବା ତାଙ୍କ ପକ୍ଷେ ଅସମ୍ଭବ ହୋଇପଡୁଥିଲା। ଯାହା ସେତୁ ନିର୍ମାଣ ପରେ ସମାଧାନ ହୋଇଛି। ଅଞ୍ଜଳି ଏବେ ସୁନାବେଢ଼ା ମହିଳା ଡିଗ୍ରୀ କଲେଜର +୩ ଦ୍ୱିତୀୟ ବର୍ଷର ଛାତ୍ରୀ। ସେ କୁହନ୍ତି,'ନିଜର ଖର୍ଚ୍ଚ ପାଇଁ ଅଦା ଓ ହଳଦୀ ଚାଷକରି କିଛି ରୋଜଗାର କରିଥାଏ। ଗାଁର ବିଭିନ୍ନ ବିକାଶ ମୂଳକ କାମ ପାଇଁ ଗାଁ ମୁଖିଆଙ୍କୁ ଜଣାଇଥାଏ। ଏବେ ଗାଁରେ ବିଜୁଳି ଜଳୁଛି, ରାସ୍ତା ହୋଇପାରିଛି, ସରକାରୀ ବାସଗୃହ ସମସ୍ତ ହିତାଧିକାରୀଙ୍କୁ ମିଳିବା ପାଇଁ ପ୍ରସ୍ତାବ ଯାଇଛି। ସମସ୍ତଙ୍କର ମାଗଣା ସରକାରୀ ଯୋଜନାରେ ଶୌଚାଳୟ ମିଳିବା ପାଇଁ ପୌରାଞ୍ଚଳ ଅଧିକାରୀଙ୍କୁ ଜଣାଇଛି। ଗାଁରେ ନିଶା ନିବାରଣ, ନାବାଳିକା ବିବାହକୁ ବନ୍ଦ କରିବା ପାଇଁ ଗାଁ ଲୋକଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରୁଛି। ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଗାଁର ସଭିଏଁ କିପରି ଜାଣିପାରିବେ ସେଥିପ୍ରତି ଗାଁ ସଭାରେ ଜଣାଇଥାଏ। ଗ୍ରାମର ସମସ୍ତେ ଏଥିପାଇଁ ମତେ ଆଦର କରନ୍ତି। ମୋର ଏହିସବୁ କାର୍ଯ୍ୟ ପାଇଁ ବିଭିନ୍ନ ଅନୁଷ୍ଠାନ ମତେ ପୁରସ୍କୃତ କରିଛନ୍ତି। ଯାହା ମତେ ଏହିଭଳି ଲୋକଙ୍କ ପାଇଁ କାମ କରିବାର ପ୍ରେରଣା ଦେଉଛି।


ପିଙ୍କି


ପ୍ରଜ୍ଞା



**ସଚେତନତା ସୃଷ୍ଟି କରୁଛନ୍ତି ଉର୍ମିଳା**–: ସେ କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ନୁହନ୍ତି କି କୌଣସି ପ୍ରଭାବଶାଳୀ ବ୍ୟକ୍ତି ନୁହନ୍ତି। ଜଣେ କଲେଜ ଛାତ୍ରୀ । ବିଭିନ୍ନ ସମୟରେ ଗାଁର ସାଧାରଣ ଲୋକଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଇ କେମିତି ତା'ର ସୁଫଳ ପାଇ ପାରିବେ ବୁଝାଇଥାନ୍ତି। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମଇମୁରା ଗ୍ରାମପଞ୍ଚାୟତ କାଶୀନାଥପୁର ଗ୍ରାମର ଉର୍ମିଳା ବେହେରା ନିଜ ଗାଁ ଓ ଆଖପାଖ ଗାଁରେ ଉର୍ମିଳା ଦିଦି ନାମରେ ସୁପରିଚିତ। ୮ ବର୍ଷ ବୟସରୁ ବାପାଙ୍କୁ ହରାଇଥିଲେ। ଘରେ ୫ଭଉଣୀ ଓ ମା'ଙ୍କୁ ନେଇ ତାଙ୍କ ପରିବାର । ୪ଭଉଣୀ ବିବାହ କରି ଶାଶୁଘରକୁ ଚାଲିଗଲା ପରେ ସେ ମା'ଙ୍କ ସହିତ ରହୁଛନ୍ତି। ମା'ଙ୍କ ଦାୟିତ୍ୱ ନେବା ସହ ଏବେ ଉର୍ମିଳା ଗାଁକୁ ଗାଁ ବୁଲି ଜଙ୍ଗଲ ସୁରକ୍ଷା ଓ ଜଳ ସଂରକ୍ଷଣ ଉପରେ ଗ୍ରାମବାସୀଙ୍କୁ ସଚେତନ କରିବା ସହିତ ସରକାରୀ ଯୋଜନାର ଉପକାରିତା ଓ ତା'ର କିପରି ଫାଇଦା ମିଳିବ ସେ ସମ୍ପର୍କରେ ଗ୍ରାମବାସୀଙ୍କୁ ବୁଝାଉଛନ୍ତି । ଯେଉଁଥିରେ ଆସେ ଆବାସ ଯୋଜନାରେ ସାମିଲ ହେବା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ପାଇବା, ତ୍ରୁଟିପୂର୍ଣ୍ଣ ଆଧାର କାର୍ଡ ସଂଶୋଧନ କରିବା, ବ୍ୟାଙ୍କ ପାସ୍‌ବୁକ କରିବା, ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ଲୋକଙ୍କୁ ଅନ୍ତର୍ଭୁକ୍ତ କରିବା ଆଦି। ଉର୍ମିଳା ମଇମୁରା ହାଇସ୍କୁଲରୁ ମାଟ୍ରିକ୍ ପାସ୍ କଲାପରେ ଷୋଳପଦା ମହାବିଦ୍ୟାଳୟରୁ +୩ ପାସ୍ କରି ଏବେ ଛୋଟ ପିଲାଙ୍କୁ ଟିଉଶନ କରି ଗୁଜରାଣ ମେଣ୍ଟାଉଛନ୍ତି। ତେବେ ସମାଜସେବା ଓ ସଚେତନତା କାର୍ଯ୍ୟକ୍ରମ ଆଡ଼େ କାହିଁକି ମନ ବଳାଇଲ ବୋଲି ପଚାରିବାରୁ ସେ କହନ୍ତି, ଗ୍ରାଜୁଏଶନ ସରିଲା ପରେ ଫାଉଣ୍ଡେଶନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି ସଂସ୍ଥା ତରଫରୁ ନିଜ ଗ୍ରାମରେ କାର୍ଯ୍ୟ କରିବାକୁ ସୁଯୋଗ ପାଇଥିଲି । ଇକୋଲୋଜିକାଲ ସିକ୍ୟୁରିଟି ସଂସ୍ଥାର ଅନୁଗୋଳ ଜିଲା ମୁଖ୍ୟ ଦ୍ରୋଣ ଚନ୍ଦ୍ରକାର ଓ କ୍ଷେତ୍ର ଅଧିକାରୀ ମାୟାଧର ମିଶ୍ର ହେଲେ ମୋର ଗୁରୁ। ଲୋକଙ୍କ ପାଇଁ କାର୍ଯ୍ୟ କରିବା ଓ ଜଙ୍ଗଲ ସୁରକ୍ଷା ନେଇ ଗ୍ରାମବାସୀଙ୍କୁ ସଚେତନ କରାଇବା ପାଇଁ ସେ ମୋତେ ସବୁବେଳେ ପ୍ରବର୍ତ୍ତାଉଥିଲେ। ମୁଁ ଜାଣିଛି ସାଧାରଣ ଲୋକ ବିଭିନ୍ନ ଯୋଜନା ବିଷୟରେ ଭଲଭାବରେ ବୁଝିପାରୁ ନ ଥିବାରୁ ବହୁତ ହଇରାଣ ହୁଅନ୍ତି। ତେଣୁ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ମୁଁ ନିଜେ ସମ୍ପୂର୍ଣ୍ଣ ବୁଝିସାରିଲା ପରେ ଯାଇ ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ ଯାଇଥାଏ। ଆଉ ଲୋକଙ୍କ ପାଇଁ କାର୍ଯ୍ୟ କଲେ ଆତ୍ମସନ୍ତୋଷ ମିଳିଥାଏ।


ଉର୍ମିଳା







ଲିପିକା

**ଦରଖାସ୍ତ ଲେଖି ଲୋକଙ୍କ ସମସ୍ୟା ଦୂର କରନ୍ତି ଦୁଇ ଭଉଣୀ:** ଆମ ଅଞ୍ଚଳରେ ଲୋକମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ। ପକ୍କା ଘର ପ୍ରାୟତଃ ନାହିଁ। ତେଣୁ ଯେତେବେଳେ ପ୍ରାକୃତିକ ବିପର୍ଯ୍ୟୟ ଘଟେ ଲୋକଙ୍କ କୁଡ଼ିଆଘର ଭାଙ୍ଗିଯାଇଥାଏ। ବାରମ୍ବାର ଏହି ପ୍ରାକୃତିକ ବିପର୍ଯ୍ୟୟ ସେମାନଙ୍କର ଅଣ୍ଟା ଭାଙ୍ଗି ଦେଇଥାଏ। କାରଣ ସ୍ୱଳ୍ପ ରୋଜଗାରରେ କୁଡିଆ ଘରଟିଏ ପୁଣିଥରେ କରିବା କଷ୍ଟକର ହୋଇଯାଏ। ଅଧିକାଂଶ ଧାରକରଜରେ ବୁଡି ରହନ୍ତି। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଛି। ବାରମ୍ବାର ଏଭଳି ପରିସ୍ଥିତିକୁ ସାମ୍ନା କରୁଥିବା ଏଠାକାର ବାସିନ୍ଦା ସ୍ଥାୟୀ ପ୍ରତିକାର ପାଇଁ ସରକାରଙ୍କୁ ଜଣାଇବାକୁ ଚାହୁଁଥିଲେ ବି କେଉଁଭଳି ଜଣାଇବେ ସେମାନଙ୍କୁ ଜଣା ନ ଥାଏ। ଏହି ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡନ୍ତି ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ କୁରୁପାଳ ଗ୍ରାମର ଦୁଇ ଭଉଣୀ ପିଙ୍କି ଓ ପ୍ରଜ୍ଞା ଜେନା। ସେମାନେ କୁହନ୍ତି,'ସମସ୍ୟାରେ ପଡିଥିବା ଲୋକଙ୍କର ଆବେଦନପତ୍ରକୁ ଲେଖି କାହାର ବାର୍ଦ୍ଧକ୍ୟ ଭତ୍ତା ହେଉ କି ଦୁଃସ୍ଥ କଳାକାରଙ୍କ ଭତ୍ତା କିମ୍ବା ଦିବ୍ୟାଙ୍ଗ ଭତ୍ତା କେଉଁଠିକୁ ଦରଖାସ୍ତ ଦେବାକୁ ହେବ ଆଦି କଥାକୁ ଆମେ ବୁଝି ଲୋକଙ୍କୁ ସାହଯ୍ୟ କରୁ। ପିଙ୍କି କୁହନ୍ତି- ମୋ ବାପା ସୁବାସ ଜେନା ଜଣେ ସାମାଜିକ କର୍ମୀ। ବିଭିନ୍ନ ସମସ୍ୟା ନେଇ ତାଙ୍କୁ ଦେଖା କରିବା ପାଇଁ ଆମ ଘରକୁ ଅନେକ ଲୋକ ଆସିଥାନ୍ତି। ସେମାନଙ୍କ ସମସ୍ୟାକୁ କିଭଳି ସମାଧାନ କରିହେବ ସେକଥା ବାପା ମତେ ବୁଝିବା ପାଇଁ କୁହନ୍ତି। ମୁଁ ସେମାନଙ୍କ ସମସ୍ୟାକୁ ନେଇ ଦରଖାସ୍ତ ଲେଖିଥାଏ। ଏଥିରେ ସେମାନେ ଖୁସି ହୋଇ ମୋତେ ଆଶୀର୍ବାଦ ଦିଅନ୍ତି। ଏମିତିରେ ପ୍ରାୟ ୩ ବର୍ଷ ଧରି ୧୮ ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ବିଭିନ୍ନ ଅବେଦନପତ୍ର ଲେଖି ସାରିଲିଣି। ଚିଲିକା ଜଳବନ୍ଦୀ ଅଞ୍ଚଳର ପ୍ରାୟ ୩୦ଖଣ୍ଡ ଗାଁ ଲୋକଙ୍କର ମୋ ଉପରେ ଏକ ବିଶ୍ୱାସ ସୃଷ୍ଟି ହୋଇପାରିଛି। କେବଳ ସେତିକି ନୁହେଁ, ଯେଉଁଠି ଲୋକଙ୍କର ତଥ୍ୟ ଜାଣିବାରେ ଅସୁବିଧା ହୁଏ ସେଥିପାଇଁ ଜନସୂଚନା ନିୟମ ଅନୁସାରେ ସେମାନଙ୍କ ତଥ୍ୟ ପାଇବା ନିମନ୍ତେ ଦରଖାସ୍ତ ଦେଇ ଆବେଦନ କରିଥାଏ। ଯାହାଦ୍ୱାରା ଅନେକ ଲୋକ ସୁଫଳ ପାଇ ପାରୁଛନ୍ତି। ବିଭିନ୍ନ ଜନମଙ୍ଗଳ କାର୍ଯ୍ୟରେ ଲୋକଙ୍କ ସହ ସାମିଲ ହେଉଥିବାରୁ କିଛି କିଛି ଯୋଜନା ବିଷୟରେ ମୁଁ ମଧ୍ୟ ଜାଣିପାରୁଛି। ଏବେ ମୋର +୩ ସରିଛି। ମୋ ସହିତ ସାନଭଉଣୀ ପ୍ରଜ୍ଞାରେଖା ମଧ୍ୟ ବଳକା ସମୟରେ ଗାଁ ଲୋକଙ୍କ ପାଇଁ ଏଭଳି ଜନହିତକର କାର୍ଯ୍ୟରେ ସାମିଲ ହେଉଛି। ପ୍ରଜ୍ଞା କୁହନ୍ତି, ସରକାରୀ ହେଉ କି ବେସରକାରୀ ଯାହାସବୁ ଯୋଜନା ଅଛି ତାହା କେମିତି ସମସ୍ତେ ପାଇପାରିବେ ସେଦିଗରେ କାମ କରିବାକୁ ମତେ ଭଲ ଲାଗେ। ମୁଁ ଜାଣିଛି ସବୁ ଯୋଜନା ସମ୍ପର୍କରେ ସମସ୍ତେ ଜାଣି ନ ଥାନ୍ତି। ଶିକ୍ଷାର ଅଭାବ ଯୋଗୁ ଅନେକ ସୁବିଧାରୁ ଲୋକେ ବଞ୍ଚିତ ହୋଇଥାନ୍ତି। କିନ୍ତୁ ଏହି ଲୋକଙ୍କ ପାଇଁ କାମ କରିବାରୁ ଆମେ ବି ପ୍ରତିଦିନ କିଛି ନା କିଛି ନୂଆନୂଆ ବିଷୟରେ ଜାଣିପାରୁଛୁ। ଆଉ ତା'ର ସୁଫଳ କେମିତି ସମସ୍ତେ ପାଇପାରିବେ ଚେଷ୍ଟା କରୁଛୁ। ଏଭଳି କାହାକୁ କିଛି ସାହାଯ୍ୟ କରିପାରିଲେ ଈଶ୍ୱରଙ୍କ କୃପା ମିଳେ ବୋଲି ମୁଁ ବିଶ୍ୱାସ କରେ।

**ବଞ୍ଚିଥିବା ଯାଏ ଲୋକଙ୍କ ସେବା କରୁଥିବି:** ଲିପିକା ମହାପାତ୍ର, ଘର ଅନୁଗୋଳ ଜିଲାର ଖଲାରୀ ଗାଁରେ। ସେ କୁହନ୍ତି, ମୋ ବାପା ଆନନ୍ଦଚନ୍ଦ୍ର ମହାପାତ୍ର ଆଦିବାସୀ ହରିଜନ ସ୍କୁଲରେ ପାଠ ପଢିବା ସହିତ ସେଠାରେ ନିଯୁକ୍ତି ମଧ୍ୟ ପାଇଥିଲେ। ତା'ସହ ସେ ଲୋକଙ୍କ ସେବାରେ ବି ସମୟ ବିତାଉଥିଲେ। ବାପାମା'ଙ୍କର ମୁଁ ଏକମାତ୍ର ଝିଅ, ଆଉ ମୋର ଦୁଇ ଭାଇ। ଓଡ଼ିଆରେ ଏମ୍‌ଏ କରିଛି। ସ୍କୁଲ ବୟସରୁ ସବୁବେଳେ କିଛି ଗୋଟେ ନୂଆ କରିବାର ଚିନ୍ତା ଘାରୁଥିଲା। ପରେ ମୁଁ ଜନସେବା କାର୍ଯ୍ୟରେ ଅନୁପ୍ରାଣିତ ହୋଇଥିଲି। ଅନ୍ୟମାନଙ୍କୁ କିଛି କିଛି ଦାନ ଓ ସାହାଯ୍ୟ କରିବା ଆରମ୍ଭ କଲି। ୨୦୦୫ ମସିହାରୁ ବିଶିଷ୍ଟ ସମାଜସେବୀ ମାଳତି ଚୌଧୁରୀଙ୍କ ବାଜିରାଉତ ଛାତ୍ରାବାସରେ ଯାଇ ମାଗଣାରେ ଦେଶାତ୍ମବୋଧକ ସଂଗୀତ, ରବୀନ୍ଦ୍ର ସଂଗୀତ, ମହାପୁରୁଷଙ୍କ ଜୀବନୀ ବିଷୟରେ ଆଲୋଚନା କଲି। ପୁଣି ହସ୍ତକଳା କାମ ଶିଖାଇବା ସହ ସେମାନଙ୍କ ସେବାରେ ଆନନ୍ଦ ପାଉଥିଲି। ଏଭଳିଭାବେ ମୋର ସମାଜ ସେବାମୂଳକ କାର୍ଯ୍ୟ ବଢିବାରେ ଲାଗିଲା। ପରେ ଅବହେଳିତ ଶିଶୁ ଓ ମହିଳାମାନଙ୍କ ସୁରକ୍ଷା ପ୍ରତି କିପରି କାର୍ଯ୍ୟ କରିପାରିବି ସେନେଇ ପ୍ରୟାସ କଲି। ଆଉ ବାଲ୍ୟ ବିବାହ ରୋକିବାକୁ ମନସ୍ଥ କଲି। ଆଉ ଅନୁଗୋଳ ଜିଲାର ସୁଖୁଡ଼ା, ଖଲାରୀ ଗଡ଼ନାୟକ ସାହି, ଜଗନ୍ନାଥପୁର ଆଦି ଗାଁରେ ପ୍ରଶାସନିକ ସହାୟତା ନେଇ ବାଲ୍ୟବିବାହ ରୋକିବାରେ ସଫଳ ବି ହୋଇଥିଲି। ସେହିପରି ଆମ ଜିଲାର ଏକ ଅଞ୍ଚଳରେ ସିଡୁରା ପରିବାରର ପିଲାଙ୍କୁ ଶିକ୍ଷାକ୍ଷେତ୍ରରେ ସାମିଲ କରାଇବାରେ ବି ସଫଳ ହୋଇପାରିଛି। ଏହାବାଦ୍ ଅଏଡ଼ା ଅଞ୍ଚଳରେ ଥରେ ଶିକାରୀଙ୍କ ମଧ୍ୟରେ ଏକ ଭାଗବଣ୍ଟାକୁ ନେଇ ଗୁଳିକାଣ୍ଡରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ସେମାନଙ୍କର ୩ ଅନାଥ ଶିଶୁଙ୍କୁ କିଭଳି ସରକାରୀ ସହାୟତା ଅନୁଦାନ ମିଳିବ, ସେଥିପାଇଁ ଦରଖାସ୍ତ ବି ଲେଖିଥିଲି। ୨୦୧୬ରେ ତ ଏକ ଗ୍ରାମରେ ହେଉଥିବା ଅନୈତିକ ଭାବେ ମହିଳା ଚାଲାଣକୁ ବନ୍ଦ କରିବା ଲାଗି ପୋଲିସ ସହାୟତା ନେଇ ସଫଳ ହୋଇଥିଲି। ଅସହାୟ ମହିଳାମାନଙ୍କୁ ଆଇନଗତ ସହାୟତା ଦେବା ନିମନ୍ତେ ମୁଁ ସାହାଯ୍ୟ କରିଥାଏ। ତା'ସହ ଅନୁଗୋଳର ଦୁର୍ଗମ ଜଙ୍ଗଲ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ କରିଥାଏ। ଗାଁରେ ରାମେଶ୍ୱର ୟୁଥ୍ କ୍ଲବର ଯୁବକମାନଙ୍କୁ ନେଇ ବୌଦ୍ଧିକ ବିକାଶ ଆଦି ଶୈକ୍ଷିକ ଶିବିର ବି କରିଥାଏ। ଅନେକ ସମୟରେ ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଛି, ହେଲେ ପାଦ ମୋର କେବେ ଅଟକିନି। ସାରାଜୀବନ ଅବିବାହିତ ରହି ଜନସେବାରେ ନିଜକୁ ସମର୍ପିତ କରିବି ବୋଲି ନିଷ୍ପତ୍ତି ନେଇଛି। ଏପରି କି ମୃତ୍ୟୁ ପରେ ଶରୀରର ସମସ୍ତ ଅଙ୍ଗ ଦାନ କରିବା ପାଇଁ ବି ଇଚ୍ଛା ଅଛି।

ଏଇସବୁ ଝିଅମାନେ ସତରେ ଗାଁ ପାଇଁ ଗୌରବ।

**-ବନବିହାରୀ ବେହେରା**

**ଉଦୀପ୍ତ ପୁରୋହିତ, କୈଳାସ ପଟ୍ଟନାୟକ**


ନିଜ ପରିବାର ସହ ଅଞ୍ଜଳି




ଅଞ୍ଜଳି

# ହ୍ୟାଟ୍ ଫ୍ୟାଶନ





ଖରାଦିନେ ସୂର୍ଯ୍ୟଙ୍କର ଉତ୍ତାପରୁ ରକ୍ଷା ପାଇବା ପାଇଁ ଅନେକେ ମୁଣ୍ଡରେ ହ୍ୟାଟ୍ ବ୍ୟବହାର କରିଥାନ୍ତି। ହ୍ୟାଟ୍ କେବଳ ଖରାରୁ ସୁରକ୍ଷା ଦେଇଥାଏ ତାହା ନୁହେଁ, ଏହା ଆମକୁ ଟ୍ରେଣ୍ଡି ଲୁକ୍ ବି ପ୍ରଦାନ କରିଥାଏ। ସେଥିପାଇଁ ମାର୍କେଟ୍‌ରେ ଏହାର ଅନେକ ଭେରାଇଟି ଦେଖିବାକୁ ମିଳିଥାଏ। ତା'ହେଲେ ଆସନ୍ତୁ ଜାଣିବା ସେମିତି କେତୋଟି ଷ୍ଟାଇଲିଶ୍ ସମର୍ ହ୍ୟାଟ୍ ସମ୍ପର୍କରେ...

**⁕ଷ୍ଟାଇଲିଶ୍ ବକେଟ୍ ହ୍ୟାଟ୍:** ଏହି ଧରଣର ହ୍ୟାଟ୍‌କୁ ଖରାଦିନେ ପିନ୍ଧିଲେ ବେଶ୍ କମ୍ଫଟେବଲ୍ ଲାଗିଥାଏ। ଖାସ୍ କରି ଗରମ ଦିନେ ପ୍ରିଣ୍ଟେଡ୍ ୱାଇଡ୍ ଲେଗ୍ ପ୍ୟାଣ୍ଟ ଓ ବେସିକ୍ ଟାଙ୍କ ଟପ୍ ସହ ଏହି ଷ୍ଟାଇଲିଶ୍ ବକେଟ୍ ହ୍ୟାଟ୍‌କୁ ପ୍ରେୟାର୍ କଲେ ଟିକେ ଡିଫରେଣ୍ଟ ଲୁକ୍ ମିଳିଥାଏ।

**⁕କ୍ଲାସିକ୍ ୱାଇଡ୍ ବ୍ରିମ୍ ହ୍ୟାଟ୍:** ଏହି ଷ୍ଟାଇଲ୍‌ର ହ୍ୟାଟ୍ ସବୁ ପ୍ରକାରର ଆଉଟ୍‌ଫିଟ୍ ସହ ବେଶ୍ ଭଲ ମାନିଥାଏ। ଖାସ୍ କରି କ୍ଲାସିକ୍ ଟି-ସାର୍ଟ ହେଉ ଅବା ବ୍ରାଇଟ୍ କଲର୍‌ର ଯେ କୌଣସି ଡ୍ରେସ୍ ସହ ମ୍ୟାଚିଂ କରି ଏହି ହ୍ୟାଟ୍ ପିନ୍ଧିଲେ ଲୁକ୍ ଖୁବ୍ ଆକର୍ଷଣୀୟ ଦେଖାଯାଇଥାଏ।

**⁕କ୍ଲାସିକ୍ ଷ୍ଟ୍ର ହ୍ୟାଟ୍:** ଗରମ ଦିନେ ସିମ୍ପଲ ଷ୍ଟାଇଲ୍‌ର ଡେନିମ୍ ପ୍ୟାଣ୍ଟ ଓ ଟି-ସାର୍ଟ ସହ ଏହି କ୍ଲାସିକ୍ ଷ୍ଟ୍ର ହ୍ୟାଟ୍‌କୁ ମ୍ୟାଚିଂ କରି ପିନ୍ଧିଲେ ମଡର୍ଣ୍ଣ ଲୁକ୍ ମିଳିଥାଏ। ଯଦି ଆପଣଙ୍କର ଚୁଲ୍‌ବୁଲି ଲୁକ୍ ପସନ୍ଦ, ତା'ହେଲେ ଏ କ୍ଷେତ୍ରରେ ଆପଣ ଆଙ୍କେଲ୍ ଲେଙ୍ଗ୍‌ଥ ସ୍କର୍ଟ ଓ ଟପ୍ସ ହେଉ ଅବା ଯେ କୌଣସି ଆଙ୍କେଲ୍ ଲେଙ୍ଗ୍‌ଥ ଡ୍ରେସ୍ ସହ ଏହି ଷ୍ଟାଇଲ୍‌ର ହ୍ୟାଟ୍‌କୁ ଆରାମରେ କ୍ୟାରି କରିପାରିବେ।

**⁕ଫିଶରମ୍ୟାନ୍ ହ୍ୟାଟ୍:** ଖରାଦିନେ କୁଲ୍ ଲୁକ୍ ପାଇବାକୁ ଇଚ୍ଛା କରୁଥିଲେ, ଏହି ହ୍ୟାଟ୍ ଆପଣଙ୍କ ପାଇଁ ଏକ ବେଷ୍ଟ ଅପ୍ସନ ହୋଇପାରିବ। ଖାସ୍‌କରି ଗ୍ରାଫିକ୍ ପ୍ରିଣ୍ଟେଡ୍ ଟି-ସାର୍ଟ ଓ ଟ୍ରାକ୍ ପ୍ୟାଣ୍ଟ ସହ ଏହି ଷ୍ଟାଇଲ୍‌ର ହ୍ୟାଟ୍‌କୁ ପେୟାର୍ କରି ପିନ୍ଧିଲେ ଅତି ସହଜରେ କୁଲ୍ ଲୁକ୍ ପାଇହେବ। ଅନ୍ୟପକ୍ଷେ ଡେନିମ୍ ଜିନ୍ସ ଓ କ୍ରପ୍ ଟପ୍ସ ସହ ବି ଫିଶରମ୍ୟାନ୍ ହ୍ୟାଟ୍ ବେଶ୍ ଭଲ ମ୍ୟାଚ୍ କରିଥାଏ।

**⁕ଫେଲ୍ଟ ହ୍ୟାଟ୍:** ଯୁବତୀମାନେ ଚାହିଁଲେ ନିଜ ପସନ୍ଦ ମୁତାବକ ଯେ କୌଣସି ସମର୍ ଆଉଟ୍‌ଫିଟ୍ ସହ ଏହି ଷ୍ଟାଇଲ୍‌ର ହ୍ୟାଟ୍‌କୁ ଆରାମରେ କ୍ୟାରି କରି କ୍ଲାସି ଆଉ କୁଲ୍ ଲୁକ୍ ପାଇପାରିବେ।

**⁕ଫେଡୋରା ହ୍ୟାଟ୍:** ଏହି ହ୍ୟାଟ୍ ବି ଯୁବତୀଙ୍କୁ କୁଲ୍ ଲୁକ୍ ଦେଇଥାଏ। ସବୁଠୁ ବଡ଼ କଥା ହେଉଛି ଏହି ଷ୍ଟାଇଲ୍‌ର ହ୍ୟାଟ୍‌କୁ ଉଭୟ ପୁରୁଷ ଓ ମହିଳା ଆରାମରେ ବ୍ୟବହାର କରିପାରିବେ। ସେହିପରି ଯେ କୌଣସି ଆଉଟ୍‌ଫିଟ୍ ସହ ଏହି ହ୍ୟାଟ୍ ବେଶ୍ ଭଲ ମ୍ୟାଚ୍ ମଧ୍ୟ କରିଥାଏ।

**⁕ଫ୍ଲପି ଆଣ୍ଡ ଷ୍ଟ୍ରାଇପ୍ଡ ହ୍ୟାଟ୍:** ଏହି ହ୍ୟାଟ୍‌ରେ ଷ୍ଟ୍ରାଇପ୍ ପ୍ରିଣ୍ଟ ରହୁଥିବାରୁ ଏହା ଦେଖିବାକୁ ଖୁବ୍ ଟ୍ରେଣ୍ଡି ଲାଗିଥାଏ। ତା'ଛଡ଼ା ଏହି ହ୍ୟାଟ୍‌ର ବ୍ରିମ୍ ବା ଚର୍ତୁଃପାର୍ଶ୍ୱର ଚଉଡ଼ା ଟିକେ ଅଧିକ ରହୁଥିବାରୁ ସୂର୍ଯ୍ୟକିରଣରୁ ଏହା ମୁହଁକୁ ବେଶ୍ ଭଲ ସୁରକ୍ଷା ପ୍ରଦାନ କରିଥାଏ।

**⁕ଫ୍ଲୋରାଲ୍ ପ୍ରିଣ୍ଟ ହ୍ୟାଟ୍:** ଫ୍ଲୋରାଲ୍ ପ୍ରିଣ୍ଟର ଆଉଟ୍‌ଫିଟ୍ ଖରାଦିନେ ରିଫ୍ରେଶିଙ୍ଗ୍ ଲୁକ୍ ଦେଇଥାଏ। ସେହିପରି ଫ୍ଲୋରାଲ୍ ପ୍ରିଣ୍ଟ ହ୍ୟାଟ୍ ବି ଖରାଦିନ ପାଇଁ ଏକ ବେଷ୍ଟ ଅପ୍ସନ ହୋଇପାରେ। ଆପଣ ଚାହିଁଲେ ଫ୍ଲୋରାଲ୍ ପ୍ରିଣ୍ଟର ଯେ କୌଣସି ଆଉଟ୍‌ଫିଟ୍ ସହ ଏହି ଧରଣର ହ୍ୟାଟ୍‌କୁ ଟ୍ରାଏ କରି ଫ୍ରେଶ୍ ଲୁକ୍ ପାଇପାରିବେ।

**⁕ଜିପ୍ ପକେଟ୍ ହ୍ୟାଟ୍:** ଏହି ହ୍ୟାଟ୍ ଖରା ଦାଉରୁ ରକ୍ଷା କରିବା ସହ ଏଥିରେ ଜିପ୍ ବା ଚେନ୍ ଲାଗିଥିବାରୁ ଆପଣ ଚାହିଁଲେ ଏଥିରେ କିଛି ଗୁରୁତ୍ୱପୂର୍ଣ୍ଣ ଜିନିଷ ମଧ୍ୟ ରଖିପାରିବେ।







# ଶିବ ମିଶ୍ରଙ୍କ ସୃଜନ ସଂସାର

ସାହିତ୍ୟ ସଂସ୍କୃତିକୁ ନେଇ ତାଙ୍କର ସ୍ୱପ୍ନ ଓ ଦୁନିଆ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ମିନିଗଳ୍ପ ରଚନାରେ ତାଙ୍କର ରହିଛି ଭିନ୍ନ ପରିଚୟ । ଏମିତିରେ ଦୀର୍ଘ ୬ଦଶନ୍ଧି ଧରି ତାଙ୍କର କଲମ ଚାଳନାରେ ସୃଷ୍ଟି କରିଛନ୍ତି ଶତାଧିକ ଗଳ୍ପ, ମିନିଗଳ୍ପ, କବିତା ଓ ନାଟକ । ଏକାଧାରରେ ସେ ଜଣେ କଳାକାର, ନାଟ୍ୟକାର, କବି ଓ ଗାଳ୍ପିକ । ଏଥିଯୋଗୁ ତାଙ୍କୁ ବିଭିନ୍ନ ସଂସ୍ଥାରୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ । ସେ ହେଲେ ଅବସରପ୍ରାପ୍ତ ଶିକ୍ଷାବିତ୍ ତଥା ଗାଳ୍ପିକ ଶିବ ମିଶ୍ର । ଘର ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳର ଭଗବତୀପୁର ପାଟଣାରେ। ଜନ୍ମ ୨୪।୮।୧୯୫୨ମସିହାରେ। ପିତା ପଞ୍ଚଯୋଷୀ ଦୁର୍ଗା ମାଧବ ମିଶ୍ର ଓ ମା' ସରୋଜିନୀ ଦେବୀ। ତାଙ୍କ ପାଠପଢା ରଘୁନାଥପୁର ପ୍ରାଥମିକ ସ୍କୁଲ ଓ ପରେ ବାଣପୁର ବଏଜ ହାଇସ୍କୁଲ ଓ ଏହାପରେ ଗୋଦାବରୀଶ ମହାବିଦ୍ୟାଳୟରେ ଗ୍ରାଜୁଏଶନ କରନ୍ତି।

ସେ କୁହନ୍ତି "ତିନିଦିଗେ ପାହାଡ଼ ପାଚେରି/ ଏକ ଦିଗେ ବିରାଟ ଜଳାର୍ଣ୍ଣବ ଅନନ୍ତ ଲହରି/ ଯା'ଉପରେ ସୂର୍ଯ୍ୟ ଆସେ ପହଁରି ପହଁରି/ ବୁଣେ ଯହିଁ ଆଲୁଅ ସକାଳର/ ସେହି ମୋର ଜନ୍ମଭୂମି ପ୍ରିୟ ବାଣପୁର" । ଯେଉଁଠାକୁ ଗଲେ ବାଟରେ ପଡିବ କେବେ ରୂପସୀ ଚିଲିକାର ପ୍ରାକୃତିକ ଶୋଭା ତ ପୁଣି କେବେ ଭାଲେରି ଓ ଘଣ୍ଟଶିଳା ପାହାଡ଼ ଉହାଡ଼ରେ ନଇଁଆସୁଥିବା ସୂର୍ଯ୍ୟର ରକ୍ତିମ ରୂପବର୍ଣ୍ଣାଳି। ଏହି ପରିବେଶ ହିଁ ମତେ ଲେଖିବା ପାଇଁ ଖୋରାକ ଯୋଗାଇଥିଲା। ଏହା ସହ ଦୈନନ୍ଦିନ ଜୀବନରେ ଘଟୁଥିବା ବିଭିନ୍ନ ଘଟଣା ଓ ପରିବେଶ ପରିସ୍ଥିତି ଯାହା ମୋ ମନକୁ ଛୁଇଁ ଯାଏ ତାକୁ ନେଇ ମୁଁ କାହାଣୀର ରୂପ ଦିଏ। ଯେତେବେଳେ ତାହା କାହାଣୀଭାବରେ ପ୍ରକାଶ ପାଏ ମୋତେ ଆତ୍ମତୃପ୍ତି ମିଳେ। ଅନେକ ସମୟରେ ମନରେ ଆପେ ଆପେ ହସଉକୁଟେ ତ କେବେ ଅଜଣା କାନ୍ଦରେ ଲୁହରେ ଆଖିପତା ଭିଜିଯାଏ। ଲାଗେ ସତେ ଯେମିତି ଗଳ୍ପର ଚରିତ୍ରମାନେ ମୋ ସହିତ ଆଳାପ କରନ୍ତି ଅଜସ୍ର ସଂଳାପର ନୀରବ ଶବ୍ଦରେ। ସେତେବେଳକୁ ମୋର କବିତା ଏବଂ କ୍ଷୁଦ୍ରଗଳ୍ପ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହେଉଥାଏ। ହଠାତ୍ ଦିନେ କେଜାଣି କାହିଁକି ମନ କହିଲା ମିନି ଗଳ୍ପ ଲେଖିବା ପାଇଁ। ଆଉ ମୁଁ ମୋର ପ୍ରଥମ କବିତା ରାତି ଏବଂ କେତୋଟି ମିନିଗଳ୍ପ ଲେଖିଥିଲି।

ଯେତେବେଳେ ପ୍ରିୟୁନିଭର୍‌ସିଟିରେ ପଢୁଥିଲି ସେତେବେଳେ କବିତା ଲେଖି ପୁରସ୍କୃତ ହୋଇଥିଲି। ପାଠ ପଢା ସରିବା ପରେ ଏକ ଖବରକାଗଜରୁ ବିଜ୍ଞାପନ ପଢି ଅଭିନେତା ହେବାର ନିଶାରେ କଟକ ଆସିଥିଲି। କଟକର ଜନତା ରଙ୍ଗମଞ୍ଚରେ ଅଭିନେତା ଭାବେ ଯୋଗ ଦେଇଥିଲି, ମାତ୍ର ଦିନ କେତେଟା ସେଠାରେ ଅଭିନୟ କରିଥିଲି । ମନ କହିଲା – ଗାଁକୁ ଫେରିଯିବାକୁ। ମୋ ବାପା ବୋଉଙ୍କର ମୁଁ ଥିଲି ଗୋଟିଏ ବୋଲି ପୁଅ। ସେମାନେ ମୋତେ ପାଖଛଡ଼ା କରିବାକୁ ଚାହୁଁ ନ ଥିଲେ କି ମୁଁ ତାଙ୍କଠାରୁ ଦୂରରେ ରହିବାକୁ ଇଚ୍ଛା କରୁ ନ ଥିଲି। ଫେରି ଆସିଲି ତାଙ୍କ ପାଖକୁ। ଗାଁ ର ବେସରକାରୀ ସ୍କୁଲରେ ଶିକ୍ଷକତା ବୃତ୍ତିକୁ ଆପଣେଇ ନେଲି। ସେଥିପାଇଁ ବୃତ୍ତିଗତ ତାଲିମ ବି ନେଲି। ସେହି ବେସରକାରୀ ସ୍କୁଲ ତା'ପରେ ସରକାରୀ ହେଲା। ପରେ ଅନ୍ତର କିଆରିକୁ ବଦଳି ହୋଇଥିଲି। ୨୦୧୦ ମସିହାରେ ମୁଁ ଚାକିରିରୁ ଅବସର ଗ୍ରହଣ କଲି। କଲେଜରେ ପଢ଼ିବା ବେଳେ କବିତା ଲେଖିବା ଆରମ୍ଭ ହୋଇଥିଲା। ଚାକିରି କରିବା ପରେ କବିତା ସହିତ ନାଟକ ଲେଖିଲି। କାଠଭୂତ, ପାପରଗଙ୍ଗା, ସମ୍ଭବାମି, ମୁଠାଏ ସକାଳ, ଚଉକି ଚକର, ପୁଣି କ୍ଷୁଦ୍ରଗଳ୍ପ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ, ମିନିଗଳ୍ପ ପ୍ରାୟ ୭ଶହରୁ ଅଧିକ ହେବ। ସେଥିମଧ୍ୟରୁ– କଥାକୁହା ଆଖି, ପିଲାଚୋର, ବାର୍ଦ୍ଧକ୍ୟଭତ୍ତା, ନଜର ଅଟକ ଆଦି ଖୁବ ଲୋକପ୍ରିୟ ହୋଇଛି। ଏହାଛଡା କେତେକ ହିନ୍ଦୀ ପୁସ୍ତକକୁ ବି ଅନୁବାଦ କରିଛି। ଯେମିତିକି ଗୀତାଞ୍ଜଳିର କେତୋଟି କବିତା। ଗାଁରେ, ବାହାରଗାଁରେ ଅନେକ ନାଟକରେ ଅଭିନୟ କରିବା ସହିତ ନିର୍ଦ୍ଦେଶନା ବି ଦେଇଛି। ତା'ମଧ୍ୟରେ ଲକ୍ଷେହୀରା, ବାଟବରଣ, ପରପୁରୁଷ, ମୟୂର ସିଂହାସନ, ମୁଁ ସଇତାନ କହୁଛି ଆଦି ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ନାଟକ। ପୁରସ୍କାରଭାବେ ଚିଲିକା ସାହିତ୍ୟ ସମାଜ, ବାଲୁଗାଁ, ବାଣପୁର, ନାଚୁଣୀକଲେଜ, ଶ୍ରୀଧର ଜ୍ଞାନବିକାଶକେନ୍ଦ୍ର ରାଉରକେଲା, ଅଭିପ୍ସା କଟକ ଆଦି ବହୁ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନରୁ ପୁରସ୍କୃତ ହୋଇଛି। ମୋ ପରିବାର କହିଲେ ଦୁଇପୁଅ, ଗୋଟିଏ ଝିଅ ଓ ସ୍ତ୍ରୀଙ୍କୁ ନେଇ ଛୋଟ ସଂସାରଟିଏ । ତେବେ ପାଠକଙ୍କ ସ୍ନେହଶ୍ରଦ୍ଧା ମୋତେ ସର୍ବଦା ହୃଦୟଭରା ମାନସିକ ଶାନ୍ତି ଦେଇଥାଏ। ମୋ ସୃଜନ ସଂସାର ଏମିତି ଆଗକୁ ଆଗକୁ ବଢି ଚାଲିଛି। ଥକିପଡ଼ିନି ମୋ କଲମର ମୁନ। ମୋର ମନେପଡ଼େ ବାପାଙ୍କ କଥା। ହୋମିଓପାଥିକ ଚିକିତ୍ସକ ଭାବରେ ତାଙ୍କର ଯଥେଷ୍ଟ ଖ୍ୟାତି ଥିଲା ଆମ ଅଞ୍ଚଳରେ। ତା' ସହିତ ଗୀତିକବିତା ଏବଂ ନାଟକ ଲେଖୁଥିଲେ। ନାଟ୍ୟ ନିର୍ଦ୍ଦେଶନା ମଧ୍ୟ ଦେଉଥିଲେ। ତାଙ୍କ ପାଖରେ ଯେତେ ଗୁଣଥିଲା ତା'ର କାଣିଚାଏ ମାତ୍ର ଯଦି ମୋ ପାଖରେ ଥା'ନ୍ତା, ତେବେ ମୋ ଜୀବନ ଧନ୍ୟ ହୋଇଯାଇ ଥା'ନ୍ତା । ଜଣେ ଯୋଗ୍ୟ ବାପାଙ୍କର ଅଯୋଗ୍ୟ ପୁଅ ମୁଁ। ମୋ ବାପାଙ୍କ ଲାଗି ହିଁ ମୁଁ ସାହିତ୍ୟାନୁରାଗୀ ହୋଇପାରିଥିଲି। କାରଣ ମୁଁ ପାଠ ପଢୁଥିବା ବେଳେ ଦିନେ ବାପା କହିଲେ – ବଣକୁ ଯିବୁ,କୋଳି ଖାଇବୁ ?


ମୁଁ କହିଲି – ହଁ । ସିଏ ତ ଆଗରୁ ସେଇ ବଣକୁ ଯାଇଥିଲେ। ସେଇ ଆଡ଼କୁ ଆଙ୍ଗୁଠି ଦେଖାଇ ମୋତେ କହିଲେ– ଯା'।

ମୁଁ ଗଲି। ସେହି ବଣ ଫୁଲର ରଙ୍ଗ ଆଉ ଗନ୍ଧ ମୋତେ ଆକର୍ଷିତ କଲା। ଫଳର ସ୍ୱାଦ ମୋତେ ବିମୋହିତ କଲା। ମୁଁ ଚାଲିଲି ଆଗକୁ ଆଗକୁ। ଏବେ ବି ଚାଲୁଛି ସୂର୍ଯ୍ୟ ମୋ ମଥା ଉପରୁ ତଳକୁ ଖସିଲେଣି। ଏ କଥା ମୁଁ ଭଲ ଭାବରେ ଜାଣେ ଯେ ଯେଉଁମାନେ ଏଇ ବଣକୁ ଯାଆନ୍ତି, ସେମାନଙ୍କ ଭିତରୁ କେହି କେହି ସିଦ୍ଧ ସାଧକ ହୁଅନ୍ତି, ଆଉ କେହି କେହି ଯାଆନ୍ତି ବାଘ ଆଁକୁ। ମୁଁ ଜାଣେନି ମୋର ଗତି କେଉଁଠିକୁ। ତେବେ ବି ଚାଲିବି। ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଚାଲୁଥିବି, ସାହିତ୍ୟର ଏଇ ମନଲୋଭା ଶାଗୁଆ ବଣରେ।

–ବନବିହାରୀ




















## ଗଙ୍ଗଶିଉଳି

–ରଜତ ମହାନ୍ତି

ଯେଉଁ ରାତିରେ ମୁଁ
ଫୁଟେ ସେ ରାତି ହିଁ
ଚଦର ହୁଏ ମୋ କଫିନ୍
ପାଇଁ
ନଶିଗନ୍ଧା ନୁହେଁ
ଗଙ୍ଗଶିଉଳି ମୁଁ ମୋ ପାଇଁ
ଏଠି ବା ସକାଳ କାହିଁ ।

–ବଳଗଣ୍ଡି, ପୁରୀ
ମୋ:୮୯୦୮୦୬୬୫୬୨


# ଭୁଲ୍‌ଟି କାହାର ?

–ଶିବାଶିଷ ପାଢ଼ୀ

ଫେସ୍‌ବୁକକୁ ଏମିତି ଘାଣ୍ଟୁଘାଣ୍ଟୁ ସାମ୍ନାକୁ ଆସିଥିବା ଫଟୋକୁ ଦେଖି ହଠାତ୍ ସ୍ଥିର ହୋଇଗଲା ଅଙ୍ଗୁଳି। କେବଳ ଅଙ୍ଗୁଳି କାହିଁକି ପୂରା ଶରୀର ଫ୍ରୀଜ .ମୋଡ୍‌କୁ ଆସିଗଲା ଯେମିତି। ସେମିତି ଖୋଲାକୁ ଖୋଲା ରହିଗଲା ଆଖି। ପିପୁଲ ୟୁ ମେ ନୋ... ରେ ଆସୁଥିଲା ସନ୍ଧ୍ୟା ଦାସର ଫଟୋ। କେଉଁ ଏକ ବାହାଘର ଭୋଜିରେ ଉଜ୍ଜ୍ୱଳ ଆଲୋକ ତଳେ
ଏକ ସୁନ୍ଦର ମୁଦ୍ରାରେ ଉଠା ହୋଇଥିଲା ଫଟୋଟି ।
ସନ୍ଧ୍ୟା ଦାସ... ବାରମ୍ବାର ନାଁଟିକୁ ପଢୁଥିଲେ ସମୀରବାବୁ। ତା’ ସହ ସନ୍ଧ୍ୟାର ଫଟୋକୁ ଜୁମ୍ କରିବାର ଚେଷ୍ଟା କରୁଥିଲେ ସେ, ହେଲେ ହେଉ ନ ଥିଲା ଜମା । କାରଣ ପ୍ରୋଫାଇଲକୁ ଲକ୍ କରି ରଖିଥିଲା ସନ୍ଧ୍ୟା। ବନ୍ଧୁ ତାଲିକାରେ ସେ ନ ଥିବା ଯୋଗୁ ପ୍ରୋଫାଇଲ ଫଟୋଟି ଜୁମ୍ ହେଉ ନ ଥିଲା । ହେଲେ ସେତେବେଳକୁ ମନ ଆଉ ବୋଲ ମାନିବାକୁ ପ୍ରସ୍ତୁତ ନ ଥିଲା । ଉପାୟ ଚିନ୍ତା କରିଥିଲେ ସେ । ଆଉ ଉପାୟ ତ ସବୁବେଳେ ଇଚ୍ଛାର ଅଧୀନ। ମିଳି ନ ଥାନ୍ତା କିପରି? ମିଳିଗଲା ଉପାୟ! ଚେହେରାରେ ଫୁଟି ଉଠିଲା ଏକ ସନ୍ତୁଷ୍ଟିର ହସ । ମୋବାଇଲ ସ୍କ୍ରିନର ଏକ ସ୍କ୍ରିନଶଟ୍ ନେଇଗଲେ ସେ। ଏବେ ଗ୍ୟାଲେରିରେ ସୁରକ୍ଷିତ ରହିଗଲା ଶଟ୍‌ଟି। ଗ୍ୟାଲେରି ଖୋଲି ତାକୁ ବଡ଼ କରି ଦେଖିଥିଲେ ସେ । ଏବେ ଆଖି ସାମ୍ନାରେ ଥିଲା କୋଡିଏ ବର୍ଷ ତଳର ସେ ବିଫଳ ପ୍ରେମ, କେବେ ଯାହା ଦେଇଥିଲା ଅନେକ ଖୁସି କିନ୍ତୁ ତା’ ବଦଳରେ କନ୍ଦାଇଥିଲା ମଧ୍ୟ ବହୁତ । କାନ୍ଦିଥିଲେ ଉଭୟ। ପ୍ରଥମେ କାନ୍ଦିଥିଲା ସନ୍ଧ୍ୟା ଏବଂ ପରେ ପରେ କାନ୍ଦିଥିଲେ ସମୀର । ମନେ ପଡୁଥିଲା ସବୁକିଛି। ଲାଗୁଥିଲା ଯେପରି କୋଡିଏ ବର୍ଷର କାଳଖଣ୍ଡଟି ହଠାତ ମିଶିଗଲା ପବନରେ ଏବଂ ସେ ଗୋଟିଏ ଡିଆଁରେ ପହଞ୍ଚିଗଲେ କୋଡିଏ ବର୍ଷ ତଳକୁ । ଲାଗୁଥିଲା ଯେମିତି କୌଣସି ଟାଇମମେଶିନ ଫେରାଇ ନେଇଛି ପଛକୁ । ୟୁନିଭର୍ସିଟି କ୍ୟାମ୍ପସର ପ୍ରଶାସନିକ ଭବନର ବାରଣ୍ଡାର ସେ ପ୍ରଥମ ସାକ୍ଷାତ। ସେଇଠି ଗୋଟିଏ ବର୍ଷର ସମ୍ପର୍କ। ସ୍ୱପ୍ନ ଦେଖିବାର ସେ ମହାର୍ଘ ମୁହୂର୍ତ୍ତସବୁ। ଘରକୁ ଫେରିବା ପରର ସେ ଲୁଚାଛପାର ଫୋନ। ଟ୍ୟୁଶନ ପଇସାରେ ପିସିଓ ଭିତରର ସେ ଛୋଟ କୋଠରିରେ ପଶି ଘଣ୍ଟାଘଣ୍ଟା ଗପିବା । ଲାଗୁଥିଲା ସେ ନିରୁଦ୍ଦିଷ୍ଟ ସମୟକୁ ପୁଣିଥରେ ଜିଉଛନ୍ତି ସେ। ପ୍ରଥମ ପ୍ରେମର ସେ ମିଠାମିଠା ଅନୁଭୂତିକୁ ସାଉଁଟି ଚାଲିଥିବା ବେଳେ ପୁଣି ମନେ ପଡୁଥିଲା ତାଙ୍କ ସମ୍ପର୍କର ଖଳନାୟକ ଶାନ୍ତନୁର କଥା । ତାରି କଥାରେ ସନ୍ଧ୍ୟାର କୌଣସି ପୁରୁଣା ସମ୍ପର୍କ ବିଷୟରେ ଜାଣିଥିଲେ ସମୀର। ତେଲଲୁଣ ଲଙ୍କାମସଲା ଦେଇ ଶାନ୍ତନୁ ଘାଣ୍ଟି ଦେଇଥିଲା ପୂରା। ତା’ ସହ ଅକାଟ୍ୟ ପ୍ରମାଣ ବି ଦେଇଥିଲା। କହିଥିଲା ପ୍ରେମଫ୍ରେମ କିଛି ନାହିଁ, ତା ସହ ଟାଇମ୍ ପାସ୍ କରୁଛି ସେ। ଏଇଟା ତା’ର ପୁରୁଣା ଅଭ୍ୟାସ। ଯେମିତି ଯାଦୁ କରି ଦେଇଥିଲା ଶାନ୍ତନୁ। ସେତେବେଳେ ଏକପାଖିଆ ଭାବେ ସମ୍ପର୍କ କାଟି ଦେଇଥିଲେ ସମୀର । ଖୁବ କାନ୍ଦିଥିଲା ସନ୍ଧ୍ୟା, ନିଜ ପ୍ରେମର ଦ୍ୱାହି ଦେଇଥିଲା, ନେହୁରା ହୋଇଥିଲା କିନ୍ତୁ ତରଳି ନ ଥିଲେ ସମୀର । ହେଲେ ଦିନେ ପୁଣି ତରଳିଥିଲେ ସମୀର! ଯେତେବେଳେ ଜାଣିଥିଲେ ଶାନ୍ତନୁର ଚାଲକୁ ! ତାଙ୍କୁ ରାସ୍ତାରୁ ହଟାଇବାକୁ ସେ କରିଥିବା ସୁଚିନ୍ତିତ ଯୋଜନା। ନିଜ ଉପରେ ରାଗିମାତି ପୁଣି ସନ୍ଧ୍ୟା ପାଖକୁ ଫେରିଥିଲେ ସେ, ହେଲେ ସେତେବେଳକୁ ବିତିଯାଇଥିଲା ଆଠ ମାସର ସମୟ ଏବଂ ନେଡ଼ି ଗୁଡ଼ କହୁଣିକୁ ବୋହି ସାରିଥିଲା। ନିଜ ପ୍ରେମ ଉପରୁ ଏବଂ ତାଙ୍କ ଉପରୁ ଆସ୍ଥା ହରାଇ ସନ୍ଧ୍ୟା ଶେଷକୁ ତା’ ପାଇଁ ଆସିଥିବା ଅଧୀରଙ୍କ ପ୍ରସ୍ତାବରେ ସମ୍ମତି ଦେଇ ସାରିଥିଲା। ସେତେବେଳେ ଖୁବ କାନ୍ଦିଥିଲେ ସମୀର। ଅନେକ ଚେଷ୍ଟା କରିଥିଲେ, ନେହୁରା ହୋଇଥିଲେ ହେଲେ ସେତେବେଳକୁ ସରି ଯାଇଥିଲା ସବୁକିଛି। ସନ୍ଧ୍ୟାକୁ ସହଜରେ ଭୁଲି ପାରି ନ ଥିଲେ ସମୀର। କେଉଁଠି ଭୁଲ୍ ରହିଲା ଆଉ କାହାର ସେ ଭୁଲ୍ ତର୍ଜମାରେ ବିନିଦ୍ର ରହିଥିଲେ ଅନେକ ରାତି। ହେଲେ ସେ ଭୁଲ୍ ବି ପେଣ୍ଡୁଲମ ଭଳିଆ କେତେବେଳେ ତାଙ୍କ ଆଡକୁ ତ ପୁଣି କେତେବେଳେ ସନ୍ଧ୍ୟା ଆଡକୁ ଗଡୁଥିଲା। ସ ନ୍ଧ୍ୟା ର ଫଟୋକୁ ଭଲକରି ଦେଖୁଥିଲେ ସମୀର। ଯେତେଯେତେ ଦେଖୁଥିଲେ ସେତେସେତେ ବଡ଼ ହୋଇଚାଲୁଥିଲା ଫଟୋ। କୋଡିଏ ବର୍ଷ ପରେ ବି ବହୁତ ସୁନ୍ଦର ଲାଗୁଥିଲା ସନ୍ଧ୍ୟା। ଲାଗୁଥିଲା ଯେପରି ବୟସ ବାଟ ଭୁଲି ଯାଇଛି । ଲାଗୁଥିଲା ଯେମିତି ସନ୍ଧ୍ୟା ରୂପରେ ବହୁତ କିଛି ହରାଇଦେଇଛନ୍ତି ସେ। ଯଦି ସନ୍ଧ୍ୟା ଆଜି ତାଙ୍କ ଜୀବନରେ ଥାଆନ୍ତା ତେବେ ଏବେ ବି ସବୁଦିନିଆ ବସନ୍ତର ମଳୟ ବୋହୁଥାଆନ୍ତା । ସନ୍ଧ୍ୟାକୁ ବାଇକରେ ବସାଇ ଖୁବ୍ ବୁଲନ୍ତେ ସେ। ସନ୍ଧ୍ୟା ସହ କେଉଁ ଏକ ରେଷ୍ଟୁରାଣ୍ଟର କୋଣରେ ବସି କ୍ୟାଣ୍ଡେଲଲାଇଟ୍ ଡିନର କରନ୍ତେ। ଖୁବ୍ ଗପନ୍ତେ ଆଗପରି ! କଳ୍ପନା ରାଜ୍ୟରେ ହଜିଯାଉଥିଲେ ସମୀର । ମିଠାମିଠା ଭାବନାରେ ଆକାଶର ଉଚ୍ଚତା ମାପୁଥିଲେ । ଠିକ୍ ସେତିକିବେଳକୁ ଚା’ ନେଇ ଆସିଥିଲେ ପତ୍ନୀ ନମିତା । ନମିତାଙ୍କ ପଦଚାପ ସହ ତାଳଦେଇ ଚଳଚଞ୍ଚଳ ହୋଇସାରିଥିଲା ଅଙ୍ଗୁଳି। ସ୍କ୍ରିନରୁ ଉଭାନ ହୋଇଯାଇଥିଲା ସନ୍ଧ୍ୟା। ହଠାତ୍ ମନକୁ ପ୍ରଶ୍ନ ଆସିଥିଲା– ସନ୍ଧ୍ୟା ଥିଲେ ଏତେ ସବୁ କରିଥାନ୍ତୁ ସିନା, ଯେ ଅଛି, ତୋ ପାଇଁ ଯେ ନିଜକୁ ଉତ୍ସର୍ଗ କରିଦେଇଛି ତା’ ପାଇଁ କ’ଣ କରୁଛୁ? ପ୍ରଶ୍ନଟି ଘାଇଲା କରୁଥିଲା ମନକୁ ! ପୋଛି ନେଉଥିଲା ସନ୍ଧ୍ୟାର ସ୍ମୃତିକୁ। ମନ ଭିତରୁ କେହି ଯେପରି କହୁଥିଲା–ସେତେବେଳେ କାହାର ଭୁଲ୍ ଥିଲା ସେ କଥା ତର୍ଜମା କରିବାର ମାନେ କିଛି ନାହିଁ। ଏବେ କିନ୍ତୁ ଭୁଲ୍‌ଟି ତୋ ନିଜର। ମୁଁ ସୁଧାରି ନେବି ଯେ ମନେମନେ କହି ଚା’ କପକୁ ଧରୁଧରୁ ସେ କହିଥିଲେ –ବହୁତ ଦିନହେଲା କୁଆଡେ ଯାଇନୁ ଆମେ। ଚାଲ ଆଜି ବହୁତ ବୁଲିବା। ହଁ ରାତିରେ ଖାଇକି ଫେରିବା। ଆଶ୍ଚର୍ଯ୍ୟ ହେଉଥିଲେ ନମିତା ! ହେଲେ ତାଙ୍କ ଚେହେରାରେ ହଠାତ ଖେଳିଗଲା ଖୁସିର ଏକ ଚମକ। ସେ ଖୁସି ସାଇଁକିନା ସଞ୍ଚରିଗଲା ସମୀରଙ୍କ ଚେହେରାକୁ। ଝିଅକୁ ପ୍ରସ୍ତୁତ କରୁଛି –କହି ଚାଲିଯାଉଥିଲେ ନମିତା। ତାଙ୍କ ଯିବାବାଟକୁ ଚାହିଁ ରହିଥିଲେ ସମୀରବାବୁ। ମନେମନେ କହିଥିଲେ –ଥାଙ୍କ ୟୁ ସନ୍ଧ୍ୟା ଦାସ...!

–ହେମଗିର, ସୁନ୍ଦରଗଡ, ମୋ: ୯୭୭୮୧୭୪୯୭୮




ଆମୀର

# ମାତ୍ର ପାଞ୍ଚ ମାସରେ...

ଥରେ ମନେ ପକାନ୍ତୁ ନା ମହାବୀର ସିଂ ଫୋଗଟ ଚରିତ୍ରକୁ। ଅନେକ ଜାଣିସାରିବେଣି ଯେ, ଏଠାରେ ଆମୀର ଖାଁଙ୍କ ସୁପରହିଟ୍ ଫିଲ୍ମ 'ଦଙ୍ଗଲ' ବିଷୟରେ କୁହାଯାଉଛି। ଯେଉଁଥିରେ ଆମୀରଙ୍କୁ ଜଣେ ପୂର୍ବତନ ଆମାଚିଓର ରେସଲର୍ ଭୂମିକାରେ ଦେଖିବାକୁ ମିଳିଥିଲା। ଉକ୍ତ ଭୂମିକା ପାଇଁ ଆମୀରଙ୍କୁ କମ୍ ପରିଶ୍ରମ କରିବାକୁ ପଡି ନ ଥିଲା। ଫିଲ୍ମଟି କୁସ୍ତି ଉପରେ ଆଧାରିତ ଥିବାରୁ ନିଜକୁ ଫିଟ୍ ଆଣ୍ଡ ଫାଇନ୍ କରିବା ଲାଗି ତାଙ୍କୁ ପାଞ୍ଚ ମାସ ସମୟ ଲାଗିଥିଲା। ଆଉ ଏହି ୧୫୦ଦିନ ଭିତରେ ସେ ନିଜ ଓଜନକୁ ୯୫ କି.ଗ୍ରା.ରୁ ୬୮ କି.ଗ୍ରା.କୁ କମାଇବାରେ ସକ୍ଷମ ହୋଇଥିଲେ। ତା'ସହ ସିକ୍ସ ପ୍ୟାକ୍ ମଧ୍ୟ କରିଥିଲେ। ଆମୀର କୁହନ୍ତି,'ଦଙ୍ଗଲର ଏହି ଭୂମିକା ଲାଗି ମୋତେ ଏକ ସୀମିତ ସମୟ ଭିତରେ ନିଜକୁ ଫିଟ୍ କରିବାକୁ ପଡିଥିଲା। ତେଣୁ ସେତେବେଳେ ମୁଁ ଦିନରାତି ଏକାଠି କରିଦେଇଥିଲି, ଯାହାଦ୍ୱାରା ନିର୍ଦ୍ଦିଷ୍ଟ ସମୟ ଭିତରେ ନିଜ ଓଜନ ୨୭ କି.ଗ୍ରା. କମାଇ ପାରିଥିଲି। ଫିଲ୍ମଟିର ଶୁଟିଂ ପରେ ଯେତେବେଳେ ମୁଁ ତାହାର ସ୍ପେଶାଲ ଶୋ' ଦେଖିଲି ସେତେବେଳେ ନିଜ ଫିଟ୍‌ନେସକୁ ନେଇ ବିଶ୍ୱାସ କରିପାରି ନ ଥିଲି।'

# ଇମରଜେନ୍ସି

କଙ୍ଗନା ରାଣାଓ୍ୱତ ଏବେ ଇମରଜେନ୍ସିକୁ ନେଇ ବ୍ୟସ୍ତ। ଅର୍ଥାତ୍ ଏଭଳି ଟାଇଟଲବିଶିଷ୍ଟ ଏକ ହିନ୍ଦୀ ସିନେମା ନିର୍ମାଣ କରାଯାଉଛି। ଏହାର କାହାଣୀ ରଚନା, ପ୍ରଯୋଜନା କରିବା ବ୍ୟତୀତ ନିର୍ଦ୍ଦେଶନା ମଧ୍ୟ ଦେଉଛନ୍ତି ସେ। କେବଳ ସେତିକି ନୁହେଁ, ଏହାର ମୁଖ୍ୟ ଭୂମିକାରେ ମଧ୍ୟ ଅଭିନୟ କରୁଛନ୍ତି। ଏହି ଫିଲ୍ମର କାହାଣୀ ୧୯୭୭ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଲାଗୁ କରାଯାଇଥିବା ଇମରଜେନସୀ ଉପରେ ଆଧାରିତ। ଏ ନେଇ ସେ କହନ୍ତି, 'ଯେତେବେଳେ ଏଭଳି ଚିନ୍ତାଧାରା ମୋ ମନକୁ ଆସିଲା ସେତେବେଳେ ମୁଁ ଏ ବିଷୟରେ ପ୍ରଥମେ ଗଭୀର ଭାବରେ ଚିନ୍ତା କଲି। ଏପରିକି ଫିଲ୍ମଟିକୁ ନିଜେ ପ୍ରଯୋଜନା କରିବାକୁ ସ୍ଥିର କରିଥିଲି। ଏଥିରେ ମୁଁ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ଅଭିନୟ କରୁଛି। ଏଭଳି ରୋଲ୍‌କୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା ବି କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' ମଣିକର୍ଣ୍ଣିକା ଫିଲ୍ମସ ବ୍ୟାନରରେ ଏହାର ଚିତ୍ରନାଟ୍ୟ ରଚନା କରିଛନ୍ତି ରିତେଶ ଶାହା। ଏହି ଫିଲ୍ମର ବିଭିନ୍ନ ଭୂମିକାରେ କଙ୍ଗନାଙ୍କ ବ୍ୟତୀତ ଅନୁପମ ଖେର, ଶ୍ରେୟାସ ତଲପାଡେ, ମହିମା ଚୌଧୁରୀ, ମିଲନ୍ଦ ସୋନମ ଏବଂ ସୁମିତ କୁମାର ପ୍ରମୁଖ କଳାକାର ଅଭିନୟ କରୁଛନ୍ତି।


ସମ୍ମିତ

# ଅପେକ୍ଷା କରିବେ ସମ୍ମିତ

ଅଭିନେତା ସମ୍ମିତ ଆଚାର୍ଯ୍ୟ ଏବେ ଅପେକ୍ଷା କରିଛନ୍ତି। ହେଲେ କାହାକୁ ଜାଣନ୍ତି ? ତାଙ୍କ ପ୍ରେମିକାକୁ। କଥା କ'ଣ କି ପ୍ରେମିକା କଥା ଦେଇ ଯାଇଛି ଯେ ମୁଁ ଫେରିଲେ ହିଁ ତୁମର ହେବି। ତେବେ ନିଜ ମନର ମାନସୀ ଉପରେ ଭରଷା ରଖି ସେ ଅପେକ୍ଷା କରିଛନ୍ତି। ଏ ବିଷୟରେ ସବିଶେଷ ସୂଚନା ଦେବା ପୂର୍ବରୁ ଗୋଟିଏ କଥା ଜଣାଇ ଦେବା ଠିକ୍ ହେବ। ଏଭଳି ଘଟଣାର ସଂଯୋଗ ସମ୍ମିତଙ୍କ ଅଭିନୟ ଜୀବନ ସହ ରହିଛି। ଅର୍ଥାତ୍ ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ଫିଲ୍ମ 'ଫେରିଲେ ମୁଁ ତୁମର'ରେ ତାଙ୍କୁ ଏଭଳି ଏକ ରୋମାଣ୍ଟିକ ଭୂମିକାଟିଏ ମିଳିଛି। ବବି ମିଶ୍ର ଫିଲ୍ମସ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ବବି ମିଶ୍ରଙ୍କ ତ୍ରିକୋଣୀୟ ପ୍ରେମକୁ ଆଧାର କରି ରଚିତ କାହାଣୀକୁ ସଂଳାପର ରୂପ ଦେଇଛନ୍ତି ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଏଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, କମେଡିର ଭରପୁର ତଡକା ରହିଛି। ଫିଲ୍ମର ମୁଖ୍ୟ ଭୂମିକାରେ ସମ୍ମିତ, ବବି ମିଶ୍ର, ତୃପ୍ତି, ଭାବନା, ପପି ସନ୍ତୁକା ଏବଂ ହରିହର ମହାପାତ୍ର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୁଡଲି ରଥ। ଦେବକାନ୍ତ ମିଶ୍ର ଏହାର ପ୍ରଯୋଜନା କରିଥିବା ବେଳେ ଏକଜୁକ୍ୟୁଟିଭ ପ୍ରଡ୍ୟୁସର ଅଛନ୍ତି ପ୍ରସନ୍ନ ଦ୍ୱିବେଦୀ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ସୁଧାକର ବସନ୍ତ। ଚିତ୍ରଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# କରୀନାଙ୍କ ମନ ଦୁଃଖ

କରୀନା କପୁର ଏବେ ମନ ଦୁଃଖ କରିଛନ୍ତି। କେତେ ଆଶା କରିଥିଲେ, ଯାହା ହେଲେ ବି ସଲମାନ ତାଙ୍କୁ କାଷ୍ଟିଂରେ ରଖିବେ। ହେଲେ ତାଙ୍କର ସବୁ ଆଶା ପାଣି ଫୋଟକା ପରି ମିଳେଇ ଯାଇଛି। କଥା କ'ଣ କି ସଲ୍ଲୁ ମିଆଁ 'ବଜରଙ୍ଗୀ ଭାଇଜାନ୍'ର ସିକୁଏଲ ନିର୍ମାଣ କରିବାକୁ ଯାଉଛନ୍ତି। ଯେତେବେଳେ କରୀନା ଏକଥା ଜାଣିଲେ ସେତେବେଳେ ଭାବିଥିଲେ ଯେ ସେ ପୁଣି ଥରେ ସଲମାନଙ୍କ ସହ ସ୍କ୍ରିନ୍ ସେୟାର କରିବେ। ହେଲେ ଶୁଣିବାକୁ ମିଳୁଛି ଯେ ସେମିତି କିଛି ଘଟିବାକୁ ଯାଉନାହିଁ। ଏଥର 'ପବନପୁତ୍ର ଭାଇଜାନ'ର ଫିମେଲ୍ ଲିଡ୍ ପାଇଁ କରୀନାଙ୍କ ବଦଳରେ ପୂଜା ହେଗଡେ ଅଭିନୟ କରିବାର ଯୋଜନା ରହିଛି। କରୀନା କୁହନ୍ତି, ''ଯେତେବେଳେ 'ବଜରଙ୍ଗୀ ଭାଇଜାନ୍'ର ସିକୁଏଲ୍ ପ୍ରସ୍ତୁତ ହେଉଛି ବୋଲି ଜାଣିବାକୁ ପାଇଲି ସେତେବେଳେ ମୁଁ ଖୁସି ହୋଇଯାଇଥିଲି। ଆଶା ରଖିଥିଲି ଯେ ଏହି ଫିଲ୍ମର ନାୟିକା ମୁଁ ହେବି। ହେଲେ ଶୁଣିବାକୁ ପାଉଛି ଯେ ମୋତେ ଏହାର କାଷ୍ଟିଂରୁ ବାଦ୍ ଦିଆଯାଇଛି ।'' ତେବେ ପ୍ରଯୋଜନା ସଂସ୍ଥା 'ସଲମାନ ଖାଁ ଫିଲ୍ମସ' ପକ୍ଷରୁ ଫାଇନାଲ କାଷ୍ଟିଂ ଘୋଷଣା କରାଯିବା ପରେ ହିଁ ଏହି ନୂଆ ସିନେମାର ନାୟିକା ଭାବରେ କାହାକୁ ସାଇନ୍ କରାଯିବ ତାହା ଜଣାପଡିବ।


କରୀନା


କଙ୍ଗନା

# ଖୋଜୁଛନ୍ତି ନୁସରତ

ନୁସରତ ଭରୁଚା ଏବେ ଖୋଜିବାରେ ବ୍ୟସ୍ତ। ହେଲେ ସେ ଏମିତି କ'ଣ ଖୋଜୁଛନ୍ତି ଯେ, ତାକୁ ନେଇ ବଲିଉଡ୍‌ରେ ଆଲୋଚନା ଥମିବାର ନାଁ ନେଉନାହିଁ। କଥା କ'ଣ କି ଏକ ନୂଆ ପ୍ରୋଜେକ୍ଟରେ ନୁସରତ ଆକ୍ଟିଂ କରିବେ ବୋଲି ରାଜି ହୋଇଛନ୍ତି। ଏଥିରେ ତାଙ୍କୁ ନେଇ କେତୋଟି ଫାଇଟ୍ ଦୃଶ୍ୟ ଶୁଟିଂ ହେବ। ପୁଣି ଘୋଡା ଚଢ଼ିବାକୁ ପଡିବ। ଆକ୍ସନ ମାଷ୍ଟରଙ୍କ ନିକଟରୁ ଫାଇଟ୍‌ର କାଇଦା ତ ଶିଖିନେବେ, ହେଲେ ଘୋଡାଚଢ଼ା ତାଙ୍କ ଟେନ୍‌ସନ ବଢ଼ାଇ ଦେଇଛି। ତେଣୁ ସେ ଏ ନେଇ ଖୁବ୍ ଶୀଘ୍ର ଟ୍ରେନିଂ ନେବାକୁ ସ୍ଥିର କରିଛନ୍ତି। ତେଣୁ ଜଣେ ଘୋଡା ଚଢ଼ା ଟ୍ରେନର ସନ୍ଧାନରେ ସେ ଅଛନ୍ତି। ନିଜର ଏଭଳି ଯୋଜନା ବିଷୟରେ ନୁସରତ କହନ୍ତି, 'ଏହି ଫିଲ୍ମରେ ମୋତେ ନେଇ କେତୋଟି ଫାଇଟ୍ ଶଟ୍ ନିଆଯିବ। ଏଥିରେ ମୋତେ ଘୋଡା ଚଢ଼ିବାକୁ ବି ପଡିବ। ତେଣୁ ଜଣେ ନାମୀ ଘୋଡା ଚଢ଼ା ଟ୍ରେନରଙ୍କ ସନ୍ଧାନରେ ଅଛି। ଆଶା ରଖିଛି ଫିଲ୍ମଟିର ଶୁଟିଂ ଆରମ୍ଭ ହେବା ପୂର୍ବରୁ ମୁଁ ଘୋଡା ଚଢ଼ା ଶିଖି ସାରିଥିବି।' ଦେଖାଯାଉ, ଏହି ଫିଲ୍ମଟିରେ ନୁସରତ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ।


ନୁସରତ

# କ୍ରିତିଙ୍କ ପ୍ରାକ୍ ପ୍ରସ୍ତୁତି

କ୍ରିତି ସାନନ୍‌ଙ୍କୁ ନେଇ ଏବେ ଚର୍ଚ୍ଚା। ଯା ପଛରେ ସେମିତି କାରଣ ମଧ୍ୟ ରହିଛି। କଥା କ'ଣ କି ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ତାଙ୍କୁ ମିଳିଥିବା ଭୂମିକାକୁ କିପରି ଠିକ୍ ଭାବରେ ତୁଲାଇ ପାରିବେ ସେଥିଲାଗି ଏବେଠାରୁ ସଜବାଜ ଆରମ୍ଭ କରିଦେଇଛନ୍ତି। ତା'ସହ ଏହି ଫିଲ୍ମରେ ତାଙ୍କୁ ନେଇ ଦୃଶ୍ୟାୟିତ ହେବାକୁ ଥିବା ଗୀତଗୁଡିକରେ କିପରି ଭଲରେ ନାଚି ପାରିବେ ସେ ନେଇ କୋରିଓଗ୍ରାଫରଙ୍କ ଟିପ୍ସକୁ ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି। ପୁଣି ଏଭଳି ପ୍ରସ୍ତୁତି ପାଇଁ ସେ ନିଜର କେତେକ କାମକୁ ସ୍ଥଗିତ ରଖିବାକୁ ମଧ୍ୟ ସ୍ଥିର କରିଛନ୍ତି। ଏ ସମ୍ପର୍କରେ କ୍ରିତି କହନ୍ତି, 'ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ଫିଲ୍ମର କେବଳ କାହାଣୀ ନୁହେଁ, ଗୀତଗୁଡିକ ମଧ୍ୟ ମୋତେ ବେଶ୍ ପ୍ରଭାବିତ କରିଛି। ତେଣୁ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ମୋ ଉପରେ ଯେଉଁ ଭରଷା ରଖି ମତେ ଭୂମିକାଟି ଦେଇଛନ୍ତି ତାହାକୁ କିପରି ଠିକ୍ ବୋଲି ପ୍ରମାଣିତ କରିବି ସେନେଇ ପ୍ରାକ୍-ପ୍ରସ୍ତୁତି ଆରମ୍ଭ କରିଦେଇଛି। ଏହି ଅନଟାଇଟଲଡ୍ ଫିଲ୍ମରେ ଦର୍ଶକ ମୋତେ ଏକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଇବେ।' ତେବେ ଏହି ଫିଲ୍ମରେ କ୍ରିତିଙ୍କ ଭୂମିକା ତାଙ୍କ ଆକ୍ଟିଂ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଜାଣିବାକୁ ହେଲେ ସିନେମାଟି ରିଲିଜ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।


କ୍ରିତି

## ପ୍ରଥମ ରୋଜଗାର



କବୟିତ୍ରୀ ରତ୍ନପ୍ରଭା ବାଇ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ମା' ହିଙ୍ଗୁଳାଙ୍କ ପାଇଁ ଚାନ୍ଦୁଆ କିଣିଥିଲି

ପିଲାଟି ଦିନରୁ ଏକ ସାଂଗୀତିକ ପରିବାର ଭିତରେ ବଢ଼ି ଆସିଥିଲି। ବାପାଙ୍କ କଣ୍ଠରୁ ଓଡ଼ିଶୀ, ଛାନ୍ଦ, ଚମ୍ପୂ ଶୁଣୁଥିଲି। ମାଆ ବି ଭଜନ, ଜଣାଣ, ଛାନ୍ଦ, ଚମ୍ପୂ, ଚଉପଦୀ, ମଥୁରା ମଙ୍ଗଳ ଗାଇବା ସହିତ ଭାଗବତ ପୁରାଣ ପଢୁଥିଲା। ସବୁକୁ ଶୁଣି ଶୁଣି ମୁଁ ମଧ୍ୟ କେତେବେଳେ କେମିତି ଗୋଟେ ଗୋଟେ ଗାଉଥିଲି। ପାଠପଢ଼ା ଅଧାରୁ ମୋର ବିବାହ ହୋଇଗଲା। ପରିବାରର ଦାୟିତ୍ୱ, ଜୀବନ ଜଞ୍ଜାଳ ଭିତରୁ ପ୍ରତିଦିନ କିଛି କିଛି ସମୟ ବାହାରକରି ରେଡିଓରୁ ଗୀତ ଶୁଣେ, ବିଭିନ୍ନ ପତ୍ରପତ୍ରିକା ପଢ଼େ। ତା'ସହ ଓଡ଼ିଆ ଚଳଚ୍ଚିତ୍ର ମଧ୍ୟ ଦେଖେ। ନିୟମିତ ପତ୍ରପତ୍ରିକା ପଢ଼ିବା ଭିତରେ ମୋର କାହିଁକି ଲେଖାଲେଖି କରିବାକୁ ଇଚ୍ଛା ହେଲା। ଯା'ହେଉ ମା' ଆଦିଶକ୍ତିଙ୍କ ଅପାର କରୁଣାରୁ ମୁଁ ଲେଖନି ଧରିଲି। ଏଥିପାଇଁ ସମାଜରୁ ମୋତେ ସେତେବେଳେ ଅନେକ ସମାଲୋଚନା ଶୁଣିବାକୁ ପଡ଼ିଥିଲା। କିନ୍ତୁ ମା'ବାପାଙ୍କ ଆଶୀର୍ବାଦ, ସ୍ୱାମୀଙ୍କ ସହମତି ଓ ସହଯୋଗ ଯୋଗୁ ଆଗକୁ ବଢ଼ି ସାମାଜିକ ପ୍ରତିବନ୍ଧକକୁ ସହଜରେ ଏଡ଼ାଇ ଯାଇ ସାହିତ୍ୟର ବିଭିନ୍ନ ବିଭାଗରେ କଲମ ଚାଳନା କରିବାରେ ସକ୍ଷମ ହେଲି। ଅନେକ କବିତା, ଶିଶୁ କବିତା, ପ୍ରବନ୍ଧ, ସମାଲୋଚନା, ରମ୍ୟ ରଚନା, ଗଳ୍ପ, ନାଟକ, ଗୀତିନାଟ୍ୟ ଆଦି ଲେଖିଥିଲେ ମଧ୍ୟ ଭକ୍ତି ଗୀତ, ଆଧୁନିକ ଗୀତିକବିତାରେ ମୋର ଅଧିକ ଦଖଲ ରହିଛି ବୋଲି ମୁଁ ଭାବେ। ଦୀର୍ଘ ୩୭ ବର୍ଷର ସାହିତ୍ୟ ସାଧନା ଭିତରେ ଗୀତିକବି ଭାବେ ମୁଁ ଅଧିକ ପରିଚିତ ହୋଇଛି ପାଠିକା/ପାଠକଙ୍କ ନିକଟରେ। ଶତାଧିକ ପତ୍ରପତ୍ରିକାରେ ମୋ ଲେଖା ପ୍ରକାଶିତ ହୋଇଛି, ଅନେକ ସ୍ୱୀକୃତିପ୍ରାପ୍ତ ସାହିତ୍ୟ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ, ସମ୍ମାନିତ ବି ହୋଇଛି। କିନ୍ତୁ ଆଜି ବି ମୋର ଲେଖା ପଢ଼ି କେହି ପାଠକ ଫୋନ୍‌ଟିଏ କଲେ ମୋତେ ଅଧିକ ଖୁସି ଲାଗେ ଏବଂ ସାଧନାର ସଫଳତା ଅନୁଭବ କରେ। ମୁଁ ଜଣେ ସାଧାରଣ ଗୃହିଣୀ, ଘରର ଚାରିକାନ୍ଥ ଭିତରେ ମୋ ଦୁନିଆ। ଘରର ଖର୍ଚ୍ଚ, ପିଲାଛୁଆଙ୍କ ପାଠପଢ଼ା ପାଇଁ ସବୁବେଳେ ସ୍ୱାମୀଙ୍କ ଉପରେ ନିର୍ଭର କରିବାକୁ ପଡ଼େ। ତେବେ ୨୦୦୩ରେ ଆକାଶବାଣୀ, କଟକ କେନ୍ଦ୍ରର ନାରୀ ମହଲ କାର୍ଯ୍ୟକ୍ରମରେ ପ୍ରଥମଥର ପାଇଁ ମୋତେ କବିତା ପଢ଼ିବାର ସୁଯୋଗ ମିଳିଥିଲା ; ଯାହା ଥିଲା ନାରୀ ଜୀବନର କଥାକୁ ନେଇ। ଏଥିପାଇଁ ମୋତେ ସେତେବେଳେ ୭୦୦ ଟଙ୍କା ମିଳିଥିଲା ; ଯାହାକି ଥିଲା ମୋ ଜୀବନର ପ୍ରଥମ ରୋଜଗାର। ମା' ଆଦିଶକ୍ତିଙ୍କ କୃପାରୁ ଲେଖନି ଧରିଥିଲି, ତେଣୁ ପ୍ରଥମ ପାରିଶ୍ରମିକ ଟଙ୍କାରେ ଆମ ତାଳଚେର ଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପାଇଁ ପିପିଲିରୁ ଛତି ଚାନ୍ଦୁଆଟିଏ କିଣି ନେଇ ଲାଗି କରାଇଥିଲି ; ଯାହାକି ମୋତେ ଅଶେଷ ଆନନ୍ଦ ଦେଇଥିଲା। ପରବର୍ତ୍ତୀ ସମୟରେ ଅନେକଥର ନାରୀ ମହଲ, ଶିଶୁ ସଂସାରରେ ମୋର କବିତା ପ୍ରସାରିତ ହୋଇଛି। ଏପରି କି ବିଭିନ୍ନ ଟେଲିଭିଜନ ଚ୍ୟାନେଲ୍ ପାଇଁ ବି କାମ କରି କିଛି ରୋଜଗାର ମଧ୍ୟ କରିଛି। ହେଲେ ସେଦିନର ପ୍ରଥମ ପାଉଣା ମୋ ଭିତରେ ଭରିଦେଇଥିଲା ପହିଲି ପୁଲକ ; ଯାହା ମୋ ପାଇଁ ଆଜି ବି ଅଭୁଲା ଦିନଟିଏ ହୋଇ ରହିଛି।

# ସ୍ୱପ୍ନ ସୁନ୍ଦରୀ ସେ ଫୁଲେଇ ରାଣୀ, ଚାହାଣି କହୁଛି ପ୍ରେମ କାହାଣୀ



ସାଥୀ

**ପ୍ରଶ୍ନ**-ଜଣେ ଅଜଣା ଝିଅ ମୋତେ କଣେଇ କଣେଇ ଚାହୁଁଛି। ବେଳେବେଳେ ହସି ଦେଉଛି। ଏବେ ମୁଁ କ'ଣ କଲେ ଠିକ୍ ହେବ ? *-ପ୍ରସନ୍ନ କୁମାର, ବାରିପଦା*

**ଉତ୍ତର:** ସେହି ଅଜଣା ଝିଅର କଣେଇ କଣେଇ ଚାହାଣୀରେ ପ୍ରେମର ପହିଲି ଇସାରା ଲୁଚି ରହିଛି। 'ସ୍ୱପ୍ନ ସୁନ୍ଦରୀ ସେ ଫୁଲେଇ ରାଣୀ, ଚାହାଣି କହୁଛି ପ୍ରେମ କାହାଣୀ'। କେବଳ ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। ଏପରି ବଲ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**-ମୋ ସ୍ୱପ୍ନ ସୁନ୍ଦରୀ ଯା ଭିତରେ ମନରେ ଘର କରିସାରିଛି। ହେଲେ ସେ ମୋତେ ଭଲ ପାଉଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ? *-ଅମନ ସାହୁ, ବଲାଙ୍ଗୀର*

**ଉତ୍ତର:** ଯାହାକୁ ଆପଣ ନିଜ ମନ ଭିତରେ ସ୍ଥାନ ଦେଇସାରିଛନ୍ତି ତାକୁ ବୋଧହୁଏ ଭଲ ଭାବରେ ଚିହ୍ନି ନାହାନ୍ତି । ନ ହେଲେ ଏମିତି ଏକତରଫା ପ୍ରେମରେ ବୁଡ଼ି ଯାଇ ନ ଥାନ୍ତେ। ଯଦି ସେହି ମନର ମାନସୀ ବିଷୟରେ କିଛି ଜାଣିଛନ୍ତି ତେବେ ତାକୁ ଭେଟିବାକୁ ଚେଷ୍ଟା କରନ୍ତୁ। ସେହି ସମୟରେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ସବୁକୁ ତା' ସାମନାରେ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତେବେ ଜାଣି ନିଅନ୍ତୁ ଯେ ଆପଣଙ୍କ ଆଶା ପୂରଣ ହୋଇଯାଇଛି।

**ପ୍ରଶ୍ନ**-ମୋ ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ଶୁଣିବାକୁ ପାଉଛି ଯେ ସେ ଏବେ ମୋର ସେହି ସାଙ୍ଗ ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ? *-ବିକ୍ରାନ୍ତ ସାହୁ, କେନ୍ଦ୍ରାପଡା*

**ଉତ୍ତର:** ସାଙ୍ଗ କଥାରେ ପଡି ଯାହାକୁ ଭଲ ପାଇ ବସିଲେ, ତା' ପୂର୍ବରୁ ସେ ବିଷୟରେ ଭଲ ଭାବରେ ଚିନ୍ତା କରିବାର ଥିଲା। କାରଣ ପ୍ରେମିକା ଚଏସ୍ କରିବାରେ ଆପଣଙ୍କର ଟିକେ ଭୁଲ ଭଟକା ରହିଗଲା। ତେବେ ଯେଉଁ କଥା ଆପଣ ଶୁଣୁଛନ୍ତି ତାହା କେତେ ସତ ପ୍ରଥମେ ଜାଣନ୍ତୁ। ପୁଣି ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ।

**ପ୍ରଶ୍ନ**-ପ୍ରେମ କଲେ କେମିତି ଲାଗେ କହିବେ କି ସାଥୀ ? *-ସୁଜିତ, ଜଗତସିଂହପୁର*

**ଉତ୍ତର:** ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ୍ୱ ଭି ପସ୍ତାୟା। ତେଣୁ ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। କାରଣ ସେପରି ପ୍ରେମ ମାଗି ଆଣିବା ତରକାରୀ ଝୋଳକାଏ ପରି ହୋଇଥାଏ।







# ଭିନ୍ନ ଏଇ ଟୁଥ୍‌ପେଷ୍ଟ

**ସକାଳ ହେଲେ ଲୋଡ଼ାହୁଏ ଟୁଥ୍‌ବ୍ରଶ୍ ଆଉ ଟୁଥ୍‌ପେଷ୍ଟ। ଯଦି ଟୁଥ୍‌ପେଷ୍ଟର ସ୍ୱାଦ ଭଲ, ତେବେ ବ୍ରଶ୍ କରିବାକୁ ଭଲ ଲାଗେ। ଆଉ ଫ୍ରେଶ୍ ଅନୁଭବ ହୁଏ। ତେବେ ଜାଣନ୍ତି କି ଏମିତି ବି କିଛି ଭିନ୍ନସ୍ୱାଦର ଟୁଥ୍‌ପେଷ୍ଟ ଅଛି, ଯାହା ସମ୍ପର୍କରେ ଅନେକେ ହୁଏତ ଜାଣି ନ ଥିବେ। ଜାଣନ୍ତୁ ସେ ସମ୍ପର୍କରେ ଓ ବାଛିନିଅନ୍ତୁ କେଉଁଟିରେ ଆପଣ ବ୍ରଶ୍ କରିବାକୁ ଚାହିଁବେ...**

**ଚକୋଲେଟ୍ ଟୁଥ୍‌ପେଷ୍ଟ:** ପିଲାମାନଙ୍କୁ ଦିନରେ ଥରେ ବ୍ରଶ୍ କରିବାକୁ ବି କଷ୍ଟ ଲାଗେ। ତେଣୁ ସେମାନେ କିଭଳି ଖୁସିରେ ଖୁସିରେ ବ୍ରଶ୍ କରିବେ ସେଥିଲାଗି ତିଆରି କରାଯାଇଛି 'ଟ୍ୟାନର୍ସ ଟେଷ୍ଟି ପେଷ୍ଟ', ଯାହାର ସ୍ୱାଦ ଚକୋଲେଟ୍ ପରି। ପିଲାମାନଙ୍କୁ ଚକୋଲେଟ୍ କେତେ ପସନ୍ଦ ତାହା ତ ସମସ୍ତେ ଜାଣନ୍ତି। ତେଣୁ ଏଇ ଟୁଥ୍‌ପେଷ୍ଟରେ ପିଲାମାନେ ନିଶ୍ଚୟ ଖୁସିରେ ବ୍ରଶ୍ କରିବେ। ଉକ୍ତ ଟୁଥ୍‌ପେଷ୍ଟକୁ ତିଆରି କରିଛନ୍ତି ଜାନେଲେ ହୋଲ୍ଡେନ୍। ଏହା ପ୍ରାକୃତିକ ସାମଗ୍ରୀରେ ତିଆରି। ତେଣୁ ଏହାକୁ ଢୋକିଲେ ବି ପିଲାଙ୍କର କୌଣସି କ୍ଷତି ହେବନାହିଁ।

**ଚାରକୋଲ ଟୁଥ୍‌ପେଷ୍ଟ:** ଚାରକୋଲ ବା କାଠ କୋଇଲାକୁ ପାଟିରେ ଦେବାକୁ କେହିବି ପସନ୍ଦ କରିବେ ନାହିଁ। ହେଲେ ଦାନ୍ତ ସଫା କରିବାରେ ଏହା ମ୍ୟାଜିକ୍ ପରି କାମ କରେ। ତେଣୁ ଦାନ୍ତକୁ ଚମକଦାର ଧଳା କରିବା, ଦାନ୍ତ ମାଢ଼ିରୁ ମଇଳା ବାହାର କରିବା ପାଇଁ ଚାରକୋଲ୍ ଟୁଥ୍‌ପେଷ୍ଟ ତିଆରି କରାଯାଇଛି।

**ସାମ୍ପେନ ଫ୍ଲେଭର ଟୁଥ୍‌ପେଷ୍ଟ:** ପିଲାଙ୍କ ମନକୁ ଛୁଇଁଲାଭଳି ଟୁଥ୍‌ପେଷ୍ଟ ତ ଦେଖିଲେ। ଏବେ ଜାଣିବା ବଡ଼ଙ୍କ ମନକୁ ପାଇଲାଭଳି ଟୁଥ୍‌ପେଷ୍ଟ। ସାମ୍ପେନ ପିଇବାକୁ ଅନେକେ ପସନ୍ଦ କରନ୍ତି। ଖାସ୍ ସେମାନଙ୍କ ପାଇଁ ଏହି ସାମ୍ପେନ ଫ୍ଲେଭର୍‌ର ଟୁଥ୍‌ପେଷ୍ଟ। ଏହାର ଟ୍ୟୁବ୍‌ର ମୂଲ୍ୟ ହେଉଛି ୧୦ ଡଲାର।














**ସ୍କଚ୍ ଟୁଥ୍‌ପେଷ୍ଟ:** ସିକ୍ସ ଫୁଟ୍ କମ୍ପାନୀର ଏହି ଟୁଥ୍‌ପେଷ୍ଟ ମଧ୍ୟ ଖାସ୍ ବୟସ୍କଙ୍କ ପାଇଁ। କାରଣ ଏହାର ସ୍ୱାଦ ସ୍କଚ୍ ପରି।

**ବାକୋନ୍ ଟୁଥ୍‌ପେଷ୍ଟ:** ଯେଉଁମାନଙ୍କୁ ବାକୋନ(ଘୁଷୁରି ମାଂସ) ପସନ୍ଦ ସେମାନେ ଏହାକୁ ଟ୍ରାଏ କରିପାରିବେ। ପୂରା ବାକୋନ୍‌ର ସ୍ୱାଦ ଏହି ଟୁଥ୍‌ପେଷ୍ଟରୁ ମିଳେ।

**କପ୍‌କେକ୍ ଟୁଥ୍‌ପେଷ୍ଟ:** ଛୋଟପିଲାଙ୍କ ମନପସନ୍ଦର ଆଉ ଏକ ଟୁଥ୍‌ପେଷ୍ଟ ହେଉଛି କପ୍‌କେକ୍ ଟୁଥ୍‌ପେଷ୍ଟ। ଏହାକୁ ନେଇ ବ୍ରଶ୍ କଲାବେଳେ କପ୍ କେକ୍ ଖାଇବା ପରି ଅନୁଭବ ହେବ। ତେଣୁ ପିଲାମାନେ ବେଶ୍ ଖୁସିରେ ଏଥିରେ ବ୍ରଶ୍ କରିବେ।

**ପିକଲ୍ ଟୁଥ୍‌ପେଷ୍ଟ:** ପିକଲ୍ ବା ଆଚାର ଝିଅମାନଙ୍କୁ ବହୁତ ପସନ୍ଦ। ତେଣୁ ଏହି ଫ୍ଲେଭର୍‌ର ଟୁଥ୍‌ପେଷ୍ଟ ଖାସ୍‌କରି ଝିଅମାନଙ୍କ ପାଇଁ କହିଲେ ଭୁଲ୍ ହେବନାହିଁ।

**କଫି ଟୁଥ୍‌ପେଷ୍ଟ:** ଆପଣ ଜଣେ କଫି ଲଭର୍ କି ? ଯଦି ହଁ, ତେବେ କଫି ଫ୍ଲେଭର୍‌ର ଏହି ଟୁଥ୍‌ପେଷ୍ଟ ଆପଣଙ୍କ ସକାଳକୁ ନିଶ୍ଚୟ ଫ୍ରେଶ୍ କରିଦେବ।

**କୋକାକୋଲା ଟୁଥ୍‌ପେଷ୍ଟ:** ଖରାଦିନେ ଅନେକେ କୋକାକୋଲା ସଫ୍ଟ ଡ୍ରିଙ୍କ୍ ପିଇବାକୁ ପସନ୍ଦ କରନ୍ତି। ତେଣୁ ଯେଉଁମାନେ କୋକାକୋଲା ପ୍ରିୟ ସେମାନେ ଏହାକୁ ଟ୍ରାଏ କରିପାରିବେ। ଏହା ଅଲ୍ଟ୍ରା କ୍ୟାଭିଟି ପ୍ରୋଟେକ୍ସନ ମଧ୍ୟ ଦିଏ ।

**ଓରିଓ ଟୁଥ୍‌ପେଷ୍ଟ:** ଛୋଟପିଲାଙ୍କର ଓରିଓ ବିସ୍କୁଟ୍ ବହୁତ ପ୍ରିୟ। ତେଣୁ ଓରିଓ ଫ୍ଲେଭର୍‌ର ଟୁଥ୍‌ପେଷ୍ଟ ପାଇଲେ ସେମାନେ ବେଶ୍ ଖୁସିରେ ବ୍ରଶ୍ କରିବେ।

**ଆଇସକ୍ରିମ୍ ଟୁଥ୍‌ପେଷ୍ଟ:** ବେବି ବ୍ଲିଙ୍ଗ୍ ନାମକ ଏକ ଟୁଥ୍‌ପେଷ୍ଟ କମ୍ପାନୀ ଆଣିଛି ଭାନିଲା ଆଇସ୍‌କ୍ରିମ ଫ୍ଲେଭର୍‌ର ଟୁଥ୍‌ପେଷ୍ଟ। ଏଇ ଟୁଥ୍‌ପେଷ୍ଟ ତ ଛୋଟରୁ ବଡ଼ ସମସ୍ତଙ୍କୁ ଭଲ ଲାଗିବ।

**ଫ୍ଲେଭରଲେସ୍ ଟୁଥ୍‌ପେଷ୍ଟ:** ଆମେ ଏଠି ବିଭିନ୍ନ ଫ୍ଲେଭର୍‌ର ଟୁଥ୍‌ପେଷ୍ଟ କଥା କହିଲୁ। ହେଲେ ଏମିତି ବି ଏକ ଟୁଥ୍‌ପେଷ୍ଟ ଅଛି ଯାହାର ନା ଅଛି ସ୍ୱାଦ, ନା ରଙ୍ଗ ନା ବାସ୍ନା। ଏହା କେବଳ ଏକ ପ୍ଲେନ୍ ପେଷ୍ଟ। ଆଉ ଏହାର ନାଁ ହେଉଛି ନିହିଲିଷ୍ଟ ଟୁଥ୍‌ପେଷ୍ଟ।

**ଟୁ ୱେ ଟୁଥ୍‌ପେଷ୍ଟ:** ନା ଏହା ଅଜବ ଫ୍ଲେଭର୍‌ର ନା କୌଣସି ଅଜବ ସାମଗ୍ରୀରେ ତିଆରି। ତଥାପି ଏହା ଅଜବ। ଆଉ ଏହାକୁ ଆହୁରି ଅଜବ କରାଏ ଏହାର ଟ୍ୟୁବ୍। ଉକ୍ତ ଟୁଥ୍‌ପେଷ୍ଟ ଟ୍ୟୁବ୍‌ର ଦୁଇଟି ମୁହଁ ଅଛି। ଅର୍ଥାତ୍ ଏହି ଟ୍ୟୁବ୍‌ର ଦୁଇ ପାର୍ଶ୍ୱରୁ ପେଷ୍ଟ ବାହାରିଥାଏ।









**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।


ଅଲକା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

# ହାଃ ହାଃ

## ମୋଟା

ମିନୁ ରାନୁକୁ: ମୋଟାପଣ କମାଇବାର କିଛି ଉପାୟ କହିଲୁ।
ରାନୁ: ସେ ସବୁ ଜିନିଷଠୁ ଦୂରେଇ ରହ ଯାହା ମୋଟା କରାଏ।
ମିନୁ: ସେଗୁଡାକ କ'ଣ କ'ଣ ?
ରାନୁ: ଯେମିତିକି ୱେଟ ମେଶିନ୍, ଦର୍ପଣ, ଫଟୋ ଓ ପତଳା ସାଙ୍ଗ।


## ଟୁଯୁ

ରାଜୁ ଗୋପାଳକୁ: ପଡିଶା ଘରେ କ'ଣ ହେଉଛି କି ? ଏତେ ଜୋର୍‌ରେ ଶବ୍ଦ ଶୁଭୁଛି।
ଗୋପାଳ: ବର୍ଥ ଡେ' ସେଲିବ୍ରେଶନ୍ ଚାଲିଛି।
ରାଜୁ: କାହାର ବର୍ଥ ଡେ' କିରେ ?
ଗୋପାଳ: 'ଟୁଯୁ'ର।
ରାଜୁ: ଏ 'ଟୁଯୁ' କିଏ ?
ଗୋପାଳ: ଜାଣିନି, ସମସ୍ତେ ହାପି ବର୍ଥ ଡେ' 'ଟୁଯୁ' କହୁଛନ୍ତି। ସେଥିପାଇଁ ଭାବୁଛି 'ଟୁଯୁ'ର ବର୍ଥଡେ।

## ବ୍ୟାଟେରୀ ଲୋ

ଗର୍ଲଫ୍ରେଣ୍ଡ : ଜାଣିଛ, ରାତିରେ ମୋ ମୋବାଇଲକୁ ମା' ପାଖରେ ରଖୁଛି।
ବୟଫ୍ରେଣ୍ଡ: ତା'ହେଲେ ଆମେ କଥା କେମିତି ହେବା ?
ଗର୍ଲଫ୍ରେଣ୍ଡ: ଟେନ୍‌ସନ୍ ହୁଅନି। ମୁଁ ତୁମ ନମ୍ବରକୁ 'ବ୍ୟାଟେରୀ ଲୋ' ନାଁରେ ରଖିଛି। ଆଉ ତମ ଫୋନ୍ ଆସିଲେ ମା' ମତେ ଫୋନ୍ ଦେଇ କହୁଛି- ନେ' ତୋ' ଫୋନ୍‌କୁ ଚାର୍ଜରେ ବସେଇ ଦେ'।







# ଗୋରୁମାରା ଜାତୀୟ ଉଦ୍ୟାନ

ପଶ୍ଚିମବଙ୍ଗର ଜଳପାଇଗୁଡ଼ି ଜିଲା ଅନ୍ତର୍ଗତ ଗୋରୁମାରା ଜାତୀୟ ଉଦ୍ୟାନଟି ହେଉଛି ସ୍ଥାନୀୟ ଅଞ୍ଚଳର ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ୧୮୯୫ ମସିହାରେ ମାତ୍ର ୭ ବର୍ଗ କି.ମି ଅଞ୍ଚଳକୁ ନେଇ ପ୍ରଥମେ ଏହି ସ୍ଥାନରେ ଏକ ସଂରକ୍ଷଣ କେନ୍ଦ୍ର ଗଢି ଉଠିଥିଲା। ଧୀରେ ଧୀରେ ସଂରକ୍ଷଣ କେନ୍ଦ୍ରର ପରିସୀମା ବଢିବା ସହ ଏଠାରେ ପଶୁପକ୍ଷୀଙ୍କର ସଂଖ୍ୟା ବୃଦ୍ଧି ପାଇବାରୁ ୧୯୪୯ରେ ଏହାକୁ ବନ୍ୟପ୍ରାଣୀ ଅଭୟାରଣ୍ୟର ମାନ୍ୟତା ମିଳିଲା। ଶେଷରେ ୧୯୯୨ ମସିହାରେ ଏହାକୁ ଜାତୀୟ ଉଦ୍ୟାନର ପରିଚିତି ମିଳିଲା। ଆଉ ଏହାର ପରିସୀମା ୭ ବର୍ଗ କି.ମିରୁ ବୃଦ୍ଧି ପାଇଁ ୮୦ ବର୍ଗ କି.ମି.ରେ ମଧ୍ୟ ପହଁଞ୍ଚିଲା। ମୁଖ୍ୟତଃ ଗଣ୍ଡାମାନଙ୍କ ସୁରକ୍ଷା ପାଇଁ ଏଠାରେ ବିଶେଷ ସୁବିଧା ରହିଥିବାରୁ ଅନ୍ୟ ପ୍ରାଣୀଙ୍କ ତୁଳନାରେ ଏଠି ଗଣ୍ଡା ଟିକେ ଅଧିକ ସଂଖ୍ୟାରେ ଦେଖାଯାଇଥାନ୍ତି।

### କ'ଣ ଦେଖିବେ

ଗୋରୁମାରା ଗଣ୍ଡାମାନଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ ହେଁ, ଏଠାରେ ଅନ୍ୟାନ୍ୟ ଜୀବଜନ୍ତୁଙ୍କୁ ମଧ୍ୟ ଦେଖିହୁଏ। ଯେମିତିକି ଗୟଳ, ଚିତାବାଘ, ଜଙ୍ଗଲୀ ଘୁଷୁରି, ବୋବାଉଥିବା ହରିଣ, ଜଙ୍ଗଲୀ ମଇଁଷୀ, ହାତୀ, ସମ୍ବର ଇତ୍ୟାଦି। ତା'ଛଡ଼ା ପ୍ରାୟ ୧୯୪ ପ୍ରଜାତିର ପକ୍ଷୀମାନଙ୍କ ପାଇଁ ଏହା ଏକ ସୁରକ୍ଷିତ ଆବାସସ୍ଥଳୀ କହିଲେ ମଧ୍ୟ ଭୁଲ୍ ହେବନାହିଁ। ଏପରି କି ଶୀତଦିନେ ମଧ୍ୟ ଶତାଧିକ ପ୍ରଜାତିରୁ ଊର୍ଦ୍ଧ୍ୱ ଭ୍ରମଣକାରୀ ପକ୍ଷୀ ବି ଏଠାକୁ ଉଡି ଆସିଥାନ୍ତି, ଯାହା ହେଉଛି ଏଠାକାର ଏକ ନିଆରା ଆକର୍ଷଣ। ସେହିପରି ଏହି ଜାତୀୟ ଉଦ୍ୟାନ ଭିତରେ ବିଭିନ୍ନ ପ୍ରଜାତିର ସରୀସୃପଙ୍କୁ ଦେଖିବା ପାଇଁ ଏକ ସ୍ୱତନ୍ତ୍ର ଗ୍ୟାଲେରି ବି ତିଆରି କରାଯାଇଛି।

**ଗଣ୍ଡାମାନଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ଗୋରୁମାରା ଜାତୀୟ ଉଦ୍ୟାନରେ ପର୍ଯ୍ୟଟକ ଗଣ୍ଡାଙ୍କ ସମେତ ବିଭିନ୍ନ ବନ୍ୟପ୍ରାଣୀ ତଥା ଶତାଧିକ ପ୍ରଜାତିର ପକ୍ଷୀଙ୍କୁ ଦେଖିବା ସହ ଫଟୋଗ୍ରାଫି ଓ ହାତୀ ପିଠିରେ ବସି ବୁଲିବାର ମଜା ମଧ୍ୟ ନେଇପାରିବେ...**

### କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ଅକ୍ଟୋବରରୁ ମେ' ହେଉଛି ଏଠାକୁ ଯିବା ପାଇଁ ସବୁଠୁ ଉପଯୁକ୍ତ ସମୟ। କାରଣ ଏହାପରେ ବର୍ଷାଦିନ ଆସିଯାଏ। ବର୍ଷାରେ ଗଲେ ଏଠାରେ ପଶୁପକ୍ଷୀଙ୍କୁ ନିକଟରୁ ଦେଖିବାରେ ସମସ୍ୟା ଉପୁଜିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ସୁବିଧା ରହିଛି। ବାଗଡୋଗ୍ରା ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର। ସେହିପରି ନିଉ ଜଲପାଇଗୁଡ଼ି ଜଙ୍କସନ୍ ରେଲୱେ ଷ୍ଟେଶନ ହେଉଛି ଏହାର ନିକଟବର୍ତ୍ତୀ ମୁଖ୍ୟ ରେଳଷ୍ଟେଶନ। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ବି ଏଠାକୁ ଟୁରିଷ୍ଟ ବସ୍ ଯା'ଆସ କରିଥାଏ। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ଗୋରୁମାରାରେ ପହଁଞ୍ଚିପାରିବେ।

### ହାତୀ ପିଠିରେ ବସି ବୁଲିବେ


ଗୋରୁମାରା ଜାତୀୟ ଉଦ୍ୟାନରେ ଥିବା ହାତୀମାନଙ୍କ ପିଠିରେ ବସି ବୁଲିବାର ମଜା ହିଁ କିଛି ନିଆରା। ଏଥିପାଇଁ ଅଳ୍ପ କିଛି ଶୁଳ୍କ ଦେବାକୁ ହୋଇଥାଏ। ତା'ଛଡ଼ା ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ବିଭିନ୍ନ ପ୍ରକାରର ବୃକ୍ଷଲତା ବି ଏଠାକାର ପରିବେଶକୁ ବେଶ୍ ମନୋରମ କରିଥାଏ। ତେଣୁ ସହରର ଜନଗହଳିପୂର୍ଣ୍ଣ ପରିବେଶରୁ କିଛିକ୍ଷଣ ପାଇଁ ବାହାରି ଆସି ଏଭଳି ଏକ ଶାନ୍ତ ବାତାବରଣରେ ସମୟ କଟାଇବାକୁ ପ୍ରାୟତଃ ପର୍ଯ୍ୟଟକଙ୍କର ଗହଳି ଏଠାରେ ଲାଗିଥାଏ।

### ଫଟୋଗ୍ରାଫିର ମଜା ନେବେ

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରା ଏହି ଜାତୀୟ ଉଦ୍ୟାନଟି ଉଭୟ ପ୍ରକୃତିପ୍ରେମୀ ତଥା ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ଉଦ୍ୟାନରେ ଥିବା ଜାତିଜାତିକା ପଶୁପକ୍ଷୀଙ୍କୁ ଦେଖିବା ସହ ଆଗନ୍ତୁକ ଏଠାରେ ଫଟୋଗ୍ରାଫିର ମଜା ମଧ୍ୟ ନେଇପାରିବେ।










# ଓକେ, ଓକେ କେବେଠୁ

**ଦେଶ, ବିଦେଶ ସବୁଠି ହୁଏ ଏହି ଶବ୍ଦର ବ୍ୟବହାର। ଭାଷାଗତ ଭିନ୍ନତା ଥିଲେ ବି ଓକେ ଶବ୍ଦ ମନର ଭାବକୁ ବେଶ୍ ପରିପ୍ରକାଶ କରିପାରେ। ହେଲେ ଜାଣନ୍ତି କି ଏହି ଶବ୍ଦର ବ୍ୟବହାର କେବେଠୁ ଓ କେଉଁଠୁ ଆରମ୍ଭ ହୋଇଛି?**

ଦୁଇଟି ଲେଟର୍ ଥିବା ଏକ ଛୋଟିଆ ଶବ୍ଦ ହେଉଛି 'ଓକେ'। ହେଲେ ଏହାର ବହୁଳ ବ୍ୟବହାର ହୁଏ ଆମ ଦୈନନ୍ଦିନ ଜୀବନରେ। ଦେଶ, ବିଦେଶ ସବୁଠି ହୁଏ ଏହି ଶବ୍ଦର ବ୍ୟବହାର। ଭାଷାଗତ ଭିନ୍ନତା ଥିଲେ ବି ଓକେ ଶବ୍ଦ ମନର ଭାବକୁ ବେଶ୍ ପରିପ୍ରକାଶ କରିପାରେ। ହେଲେ ଜାଣନ୍ତି କି ଏହି ଶବ୍ଦର ବ୍ୟବହାର କେବେଠୁ ଓ କେଉଁଠୁ ଆରମ୍ଭ ହୋଇଛି?

କୁହାଯାଏ ଏହି ଶବ୍ଦ ସ୍କଟଲାଣ୍ଡର och aye(ଯାହାର ଅର୍ଥ ଓଃ ୟେସ୍), ଗ୍ରୀକ୍ ଶବ୍ଦ ଓଲା କାଲା( ଯାହାର ଅର୍ଥ ଇଟ୍ ଇଜ ଗୁଡ) ଅବା ଚୋକତାଓ ଭାଷାର okeh (ଇଟ୍ ଇଜ୍ ସୋ) ଶବ୍ଦ ରୁ ଉଦ୍ଧୃତ। ଏହାବାଦ୍ ଦାବି କରାଯାଏ ଯେ, ୧୮୩୯ରେ ଏକ ଭୁଲ୍ ସ୍ପେଲିଂରୁ ଏହି ଶବ୍ଦ ଆସିଛି। ପତ୍ରକାର ଚାର୍ଲସ୍ ଗାର୍ଡୋନ ଗ୍ରୀନଙ୍କ ଅଫିସ୍ 'ବୋଷ୍ଟନ ମର୍ଣ୍ଣିଂ ପୋଷ୍ଟ'ରେ all correct କୁ oll korrect ଲେଖାଯାଇଥିଲା। ଏହାପର ଠାରୁ ହିଁ ଓକେ ଶବ୍ଦର ବ୍ୟବହାର ହୋଇଥିବା ଅନୁମାନ କରାଯାଏ। ଏହାମଧ୍ୟ ଦାବି କରାଯାଏ ଯେ, ୧୮୪୦ରେ ଆମେରିକୀୟ ରାଷ୍ଟ୍ରପତି ନିର୍ବାଚନ ସମୟରେ ରାଷ୍ଟ୍ରପତି ପ୍ରାର୍ଥୀ ମାର୍ଟିନ ଭାନ ବୁରେନ୍ 'ଓକେ' ଶବ୍ଦର ବ୍ୟବହାର କରିଥିଲେ। ଯାହାର ଫୁଲଫର୍ମ ଥିଲା 'ଓଲ୍ଡ କିଣ୍ଡରହୁକ୍'। ମାର୍ଟିନ ଭାନ ନ୍ୟୁୟର୍କ, ଓଲ୍ଡ କିଣ୍ଡରହୁକ୍‌ର ନିବାସୀ ଥିଲେ। ଆଉ ସେ ନିଜର ନିକ୍‌ନେମ୍ 'ଓଲ୍ଡ କିଣ୍ଡରହୁକ୍' ରଖିଥିଲେ। ଇଲେକ୍ସନ କ୍ୟାମ୍ପେନ୍‌ରେ ସେ 'ଭୋଟ୍ ଫର୍ ଓକେ' ବ୍ୟବହାର କରିବା ସହ ନିଜ ଗ୍ରୁପ୍‌ର ନାଁ 'ଓକେ କ୍ଲବ୍' ରଖିଥିଲେ। ଫଳରେ ସେ ସମୟରେ 'ଓକେ' ଶବ୍ଦର ବହୁଳ ପ୍ରଚାର ହୋଇଥିଲା। ଅନ୍ୟପକ୍ଷେ ଲୋକଗୀତ ଗାୟକ ପିଟ ସିଗର୍ କୁହନ୍ତି ଦକ୍ଷିଣପୂର୍ବ ଆମେରିକାରେ ଚୋକତାଓ ଜନଜାତିର ଲୋକ ବ୍ୟବହାର କରୁଥିବା ଶବ୍ଦ okeh (ଇଟ୍ ଇଜ୍ ସୋ)ରୁ ଓକେ ଶବ୍ଦ ଉଦ୍ଧୃତ। ଯାହାକି ପରବର୍ତ୍ତୀ ସମୟରେ ପ୍ରସାର ହୋଇଥିଲା। ଆଉ କେହି କେହି କୁହନ୍ତି 'ଓବାଦିଆହ କେଲି' ନାମକ ଜଣେ ରେଲରୋଡ ୱାର୍କର ବହୁ ବର୍ଷ ପୂର୍ବେ ଏହି ଶବ୍ଦର ଆବିଷ୍କାର କରିଥିଲେ। ସେ ତାଙ୍କ ନାମର ପ୍ରଥମ ଦୁଇ ଲେଟର୍ 'ଓ' ଏବଂ 'କେ' କୁ ସେହି ସବୁ ଜିନିଷ ଉପରେ ଲେଖୁଥିଲେ ଯାହାକୁ ଟ୍ରେନ୍‌ରେ ପଠାଇବା ଲାଗି ଲୋକେ ତାଙ୍କୁ ଦେଉଥିଲେ। ଏମିତି ଅନେକ ଦାବି କରାଯାଏ ଓକେ ଶବ୍ଦର ଆବିଷ୍କାରକୁ ନେଇ। ଆଉ ଏହାର ଉତ୍ପତ୍ତିକୁ ନେଇ ସବୁବେଳେ ବିବାଦ ଲାଗି ରହିଛି।




# ଲମ୍ବା ଦାଢ଼ି



ଭାରତୀୟ ବଂଶୋଦ୍ଭବ କାନାଡାର ନାଗରିକ ସରୱନ ସିଂହ ଏବେ ସାରା ପୃଥିବୀରେ ଚର୍ଚ୍ଚିତ। ଆଉ ଏହାର କାରଣ ହେଉଛି ତାଙ୍କ ଦାଢ଼ି। ଆପଣ ଭାବୁଥିବେ ଦାଢ଼ିରେ ଏମିତି କ'ଣ ଅଛି ଯେ? କଥା କ'ଣ କି ତାଙ୍କ ଦାଢ଼ି ହେଉଛି ପୃଥିବୀର ସବୁଠାରୁ ଲମ୍ବା ଦାଢ଼ି, ଯାହାର ଲମ୍ବ ହେଉଛି ୮ ଫୁଟ ୨୫ ଇଞ୍ଚ। ତେଣୁ ସେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ରେ ଥରେ ନୁହେଁ ବରଂ ତିନି ତିନି ଥର ସବୁଠାରୁ ଲମ୍ବା ଦାଢ଼ି ଥିବା ବ୍ୟକ୍ତିର ମାନ୍ୟତା ପାଇଛନ୍ତି। ସରୱନ ୧୭ ବର୍ଷ ବୟସରୁ ଦାଢ଼ି କାଟିବା ବନ୍ଦ କରି ଦେଇଥିଲେ। ତାଙ୍କ ମତରେ ଦାଢ଼ି ହେଉଛି ଭଗବାନଙ୍କ ଦାନ। ତେଣୁ ତାକୁ କାଟିବା ଠିକ୍ ନୁହେଁ। ତା'ଛଡା ଶିଖ୍ ସମୁଦାୟରେ ବି ଦାଢ଼ି କାଟିବାକୁ ଭୁଲ୍ ବୋଲି ଧରାଯାଏ। ସରୱନ ନିଜ ଦାଢ଼ିର ବହୁତ ଯତ୍ନ ନିଅନ୍ତି। ଶାମ୍ପୁ କଣ୍ଡିଶନର୍ ଲଗାଇ ସଫା କରନ୍ତି। ଦାଢି ଶୁଖିଯିବା ପରେ ସେଥିରେ ସେ ତେଲ ଲଗାନ୍ତି। ଏହାପରେ ପାନିଆରେ କୁଣ୍ଡାନ୍ତି। ତେଣୁ ତାଙ୍କ ଦାଢି ଏତେ ଭଲଭାବେ ବଢିଥାଏ। ଆଉ ସେ ଯେଉଁଠିକି ବି ଯାଆନ୍ତି ତାଙ୍କ ଦାଢ଼ିର ଚର୍ଚ୍ଚା ଅଧିକ ହୁଏ।

# ପାଠ -ଅପାଠ



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

ମୁଣ୍ଡରେ ମଇଳା ଗାମୁଛାର ଠେକାଟେ ଭିଡ଼ି, ଆପଣା ଟ୍ରଲିକି ଆଉଜି ଦେହରୁ ଝାଳ ପୋଛି ରାସ୍ତାକଡେ ଏଡ଼େ ପାଟିରେ ଯାହା ଗପୁଛି, ତା' କଥାକୁ ଶୁଣୁଥିବା ଲୋକଙ୍କ ଭିଡ଼ ଠେଲି, ମୁଁ ବି ଶୁଣିଗଲି । କହୁଥିଲା... ଆଜ୍ଞାମାନେ! ମତେ ଟିକେ ବୁଝେଇଦେଲେ, ଏଇ ଯୋଉ ପାଠ ସବୁ ଇସ୍କୁଲୁ, କଲଜରେ ପଢ଼ାହଉଚି, ସେଇଆକୁ ବିଦିଆ ଜ୍ଞାନ କହନ୍ତି, ତାକୁ ପଢ଼ି ମୂରୁଖ ଦୋଷ କଟି ଶିକ୍ଷିତ ହୁଅନ୍ତି, ନା ଆଉ ଅଲଗା କ'ଣ ଅଛି ? ମୁଁ ମୂରୁଖ ଟ୍ରଲି ରେକେସା ଭିଡୁଥବା ଚକରା ଯାହା ପଚାରୁଛି, ଉତ୍ତର ଦିଅ । ଯେମନ୍ତ ଏଇ ପାଠ ପଢ଼ି ବୁଦ୍ଧିଆ, ଚତୁରିଆ, ପଣ୍ଡିତ ବୋଲାନ୍ତି, ତେବେ ଆଗରୁ ଅପାଠୁଆ ମୂରୁଖ ବେଶି ଥିଲାବେଳେ ଯୋଉ ନାଁ ପକା କାମଗୁଡ଼ା ଏତେ ହଉ ନ ଥିଲା, ଏବେ କେମିତି ବଢ଼ିଯାଉଛି । ଧରମ -ଅଧରମ, ପାପ କରମ ବିଚାର ପଳଉଛି ? ଶିକ୍ଷିତ ପିଲାଏ ରାସ୍ତାରେ ଦିନ ଦି ପହରେ ଖଣ୍ଡା ବୁଲେଇ ଛୁରି ଧରି ଆକ୍ରମଣ କଲେଣି ତ କୋଉଠି କାହାର ଇଜ୍ଜତ ଲୁଟି, ଟଙ୍କା-ପଇସା ଅଳଙ୍କାର ଛଡେଇନେଇ ଛୁ ମାରିଲେଣି । ରାତି ପାହିଲେ ଟିଭି, ଖବରକାଗଜରେ ଜବର ଖବର ଭେଣ୍ଡିଆ ପଢୁଆ ପୁଅ -ଝିଅଙ୍କ ଆତ୍ମହତ୍ୟା । ଯୋଉକାମ ବାହାଘର ଆଗରୁ କରିବାକୁ ମହାପାପ ବିଚାର ଥିଲା.. ଆଜିକାଲି ଶିକ୍ଷିତ ହୋଇ ସବୁ ଖୁଲୁମୁଖୁଲା ! ପିନ୍ଧା ବସନ ଚିରା କି ସାନ ହେଇଥିଲେ ଆଗରୁ ନାଜ ସରମରେ ବାହାରକୁ ବାହାରୁ ନ ଥିଲେ ମୂରୁଖ । ହେଲେ ଏବେ ଚିରା ଫଟା ଫେଶନକୁ ଦେଖ । ଧିଅରୁ ନୁଗାପଟା ଖୋଲି, କହୁଛନ୍ତି ଆମେ ଫେଶନବାଲି.. ନାଚାଲୀ, କହିଲେ କହୁଚ... ତେମେ ଗାଉଁଲି ? ହାତ ଗଣ୍ଠି ନ ପକେଇ କେତେ କିଏ ଶିକ୍ଷିତ ବୋଲେଇ ଛୁଆ କାଖେଇ କାହା ଦୁଆରେ ନ୍ୟାୟ ମାଗିଲେଣି ତ କିଏ କଚେରିରେ ପଶିଲେଣି । ପୁଣି କିଏ ପେଟରୁ ପିଲା ମାରି ଧୋବ ଧାଉଳିଆ ହେଇ ଛାତି ଫୁଲେଇ ବୁଲିଲେଣି । କିଏ ନିଜ ପିଲା ଗିରସ୍ତ ଛାଡି ଆଉ କାହା ସାଙ୍ଗରେ ପଳେଇ ଉଜ୍ଜ୍ୱଳ ଭବିଷ୍ୟତ କଥା କହୁଛନ୍ତି ତ କିଏ ଆପଣା ଭାରିଜା ଛୁଆ ଛାଡି, ଆଉ କାହା ପାଲରେ ପଢ଼ି ପାଗଳ ହେଲେଣି ! ପୁଣି କିଏ ବାପା-ମା' ଭୁଲି ଆଣ୍ଠି କି ଅଣ୍ଟିରେ ପୂରେଇ ତଣ୍ଟିଯାଏଁ ସୁଖୀ କହିଲାଣି ! କିଏ ବାହା ବେଦିରୁ ଛୁ ତ କିଏ ଶାଶୁ ଘରକୁ ଆସୁ ଆସୁ, ବାଟରୁ ଅଦୃଶ୍ୟ.. ହରଣଚାଳ । ଆଃ, ଏଇ ଶିକ୍ଷିତଙ୍କ ଠୁ ଶିଖିବା କଥା, କେମିତି କେତେ କମ୍ ଦିନରେ ଗିରସ୍ତ -ଭାରିଜା ଭଳିଆ ପବିତ୍ର ବନ୍ଧନକୁ ଛାଡ଼ ପତର ଦିଆଯାଇ ପାରେ । ଇଙ୍ଗିରେଜି ନଭ ୟୁ ର ଅଠାଳିଆ ପେରେମ, କେମିତି ଫଟାଫଟି ହୋଇପାରେ । ଖବର କାଗଜଠୁ ଟିଭିରେ ଘର ଭିତର ଗୁମର କଥା ବିନା ସରମରେ ଗପାଯାଇ ପାରେ । ଏଇ ଶିକ୍ଷିତ ବାବୁ ଭାୟାମାନେ ଆମପରି ଦୁଃଖୀ ଲୋକଙ୍କ ଲୁହ ପୋଛିବେ କ'ଣ, ବରଂ ଗରିବଙ୍କ ଧନ କୋଉ ବାଟରେ ଶୋଷି, ବେଶି ଲୁହ ରକତ ଝରେଇ ଚାଲିଛନ୍ତି । କାଁ ଭାଁ କୋଉଠି କେତୁଟା ସିନା ଦୁଃଖ ବୁଝି ଧରମ କରୁଛନ୍ତି, ନଇଲେ ବହୁତ କଥାରେ ଫଟ ମୋବାଇଲିରେ ବଡ଼ ବଡ଼ ଧାର୍ମିକ ବୋଲାଉଛନ୍ତି । ଏଇ ଶିକ୍ଷିତ ବେଶି ନିଶାରେ ମାତିଛନ୍ତି, ଉତ୍ପୁପାତ ହେଇ ସଂସାର ଭାଙ୍ଗି ଉଛନ୍ନ କରି, ଜିଇ ଥାଉଁ ଥାଉଁ ମାରୁଛନ୍ତି -ମରୁଛନ୍ତି । କିଏ କାହାଠୁ ଧୋକାଖାଇ ବେକରେ ଦଉଡ଼ି ଲଗେଇ ତ କିଏ ବିଷ ଖାଇ, କିଏ ବ୍ରେନ ଖଟେଇ ଟ୍ରେନ ଲାଇନିରେ ଶୋଇ କଷି ବଅସରେ ଜୀବନ ହାରି ନିଜ ବଅଁଶ ବୁଡେଇଲେଣି । କିଏ ଜୀବନ ସାଥୀ କହି ଖଣ୍ଡ ଖଣ୍ଡ କାଟି ଥଣ୍ଡା ମିଶିନିରେ ପୂରେଇ କୁକୁରଙ୍କୁ ମାଉଁସ ଖୁଆଇ ନଳେ ଅଖାରେ ନେଇ ଫିଙ୍ଗିଲେଣି । କୋଉଠି ନାବାଳକ /ନାବାଳିକା ଗଣ ଦୁଷ୍କରମ ହେଲେଣି ତ କୋଉଠି କୁଆଁରୀ ଝିଅକୁ ନେଇ ଫେରାର ହେଲେଣି, ତ କିଏ କୋଉ ଛାତ୍ରୀ ଉପରକୁ ଏସିଡି ପକେଇ କଲବଲ କଲାଣି । ଖାଲି କ'ଣ ସେତିକି, ଶିକ୍ଷିତ ବାବୁ ମୋଟା ଟଙ୍କା ଦରମା ପାଇବି, କୋଉ ସୁନ୍ଦରୀ ପାଲରେ ପଢ଼ି, ଦେଶର ଗୁପତ ନଥିପତର, ଶତ୍ରୁ ଦେଶକୁ ଦେଇ ଦେଲେଣି । ଶିକ୍ଷିତ ହେଇ ଦେଶ ଭକତିଆ ବଢିବେ କ'ଣ, ଗୁଡ଼ାଏ ଦେଶଦ୍ରୋହୀ ବଢ଼ି ଯାଉଛନ୍ତି । ଅର୍ଥ, ସ୍ୱାର୍ଥ, ପଦ ପାଇଁ ଦେଶ ଇଜ୍ଜତ ବାହାରେ ବିକି ବାହାଦୁରି ଭାବୁଛନ୍ତି.. ବୁଦ୍ଧିଆ ବୋଲାଉଛନ୍ତି ?

ଯେବେ ଏଇ ପାଠପଢି ଏତେ ଯୁଦ୍ଧ, ହଣା-କଟା, ସମ୍ପତ୍ତି, ସମ୍ପର୍କ, ସଂସାର ଉଚ୍ଛନ୍ନ ହଉଛି, ତେବେ ସେଇ ଶିକ୍ଷିତ ପଣକୁ ଧିକ.. ଶତଧିକ୍ । ହେଇ ଗଲା ଆଠଦିନ ତଳେ ମୋରି ଭଳିଆ କେତେ ଲୋକଙ୍କ ଆଖି ଆଗରେ ଗୋଟେ ଶିକ୍ଷିତ ଧନୀ ଚାକିରି କରୁଥିବା ବଡ଼ ଅଫିସର, ତା' ଦାମୀ ଗାଡ଼ିରେ ପୂରେଇ ସରକାରୀ ଅଫିସ ହତାରୁ କେଇଯେ ଫୁଲ ସହ କୁଣ୍ଡ ଖୁସିରେ ଚୋରେଇ ତା' ଘରକୁ ପଳେଇଲେ । ମୋ ଟ୍ରଲିରେ ପରା କେତେ କିଏ ଅଫିସରୁ ପାଇପି ଠୁ ପାଇଖାନା, ବେସିନି ବୋହି ଘରକୁ ନେଇଛନ୍ତି । କୁଢ଼ କୁଢ଼ ଟଙ୍କା ଦେଶ ଧନ ଖାଇ, ସେବା କରୁଛନ୍ତି... ଦେଶକୁ ଟେକି ଧରିଛନ୍ତି ବୋଲି ଗପୁଛନ୍ତି ।

ଯେବେ କୋଡିଏ ବରଷ ତଳେ ଆମେ ଶୁଣୁଥିଲୁ.. ବିଦେଶରେ ଗୋଟାକୁ ଛାଡି ଆଉ ଗୋଟାକୁ ବାହା ହଉଛନ୍ତି, ଚୁକ୍ତିରେ ଗିରସ୍ତ -ଭାରିଜା ସମ୍ପର୍କ ରଖୁଛନ୍ତି, ଆମ କାନକୁ ବିଶ୍ୱାସ କରୁ ନ ଥିଲୁ, ବରଂ କହୁଥିବା ଲୋକକୁ ମିଛୁଆ ଭାବୁଥିଲୁ । ହେଲେ ଆଜି, ସେଇ କୁକରମ -ଅପ୍ କରମ, ଗାଁ ଠୁ ସହର ସବୁ ଜାଗାରେ... ସବୁରି ସଂସାର ଭିତରେ ଶିକ୍ଷିତ ଘରେ ପଶିଲା କେମିତି ? ଯେବେ ଶିକ୍ଷିତ ବୋଲେଇ, ସଂସାର... ସମ୍ପର୍କ... ସୁଖ ଶାନ୍ତି ଜାଗାରେ ବେଶି ଦୁଃଖ, ଅଶାନ୍ତି ବଢୁଛି... ସୁନା ସଂସାର ଚୂନା ହୋଇଯାଉଛି, ତେବେ କି ଲୋଡ଼ା... ଏମିତି ପାଠ ପଢ଼ା ? ଯୋଉଠି ଶିକ୍ଷକ ଓ ଛାତ୍ରୀ /ଛାତ୍ର ଭିତରେ ଥିବା ପବିତ୍ର ସମ୍ପର୍କ, କଳଙ୍କିତ ହେଉଛି, ଗୁରୁ ଶିଷ୍ୟ-ଶିଷ୍ୟାଙ୍କୁ ନୁହଁ, ବରଂ ସେମାନେ ଗୁରୁଙ୍କୁ ଶାସନକରିବା, ସନମାନ ନେବା ଶିଖିଗଲେଣି, ତେବେ ଆମ ଦେଶର ଶିକ୍ଷାର ଗତି କୁଆଡେ ? ଆମ ଭବିଷ୍ୟତ କ'ଣ ହେବ ? ଆଃ ହାରେ, କି ଦେଖିଲା ଆଖି.. କି ଶୁଣିଲା ଏ କାନ ! ଏଇ ଅପକର୍ମିଆଙ୍କ କୀର୍ତ୍ତି କାଣ୍ଡ, ଦେଖିବାକୁ ଆସିଛି କ'ଣ ଏଇ ଶିକ୍ଷାଦାନ ?

ଆଜ୍ଞା ! ଯେବେ ସଂସାରଠୁ ସମାଜ ଦେଶ ବିଗିଡି ଯାଉଛି, ଘୋଡାକୁ ଭାଗବତ ପଢ଼ା ଭୁଲ କୋଉଠି ? ଆପଣ କ'ଣ ଚାହିଁବେ.. ଆପଣଙ୍କ ପିଲା ଅବାଟକୁ ଯାଉ, ଆତ୍ମହତ୍ୟା କରି ମରନ୍ତୁ କି ଭାରିଜା ପିଲା ଛାଡି ଯାଆନ୍ତୁ, ହେଲେ ମୋ ଧନ ସମ୍ପତ୍ତି, କୋଠା-ବାଡ଼ି, ଗାଡି ବଢୁଥାଉ ? ଟଙ୍କା ମୋହରେ ପଢ଼ି, ବିଷ ଖାଇ ଖୁଆଇ ସମସ୍ତେ ମାରନ୍ତୁ । କାହାପାଇଁ ଧନ, ଚାକିରି, ବେପାର, ଚାଷ, ନେତାଗିରି, ପଦ ପଦବୀ ଅହଂକାର ? କି ଲାଭ ନାକ୍ଷେ ନାକ୍ଷେ ଟଙ୍କା ଖରଚା କରି ପିଲାଙ୍କୁ ଦାମୀ ବଡ଼ ଇସ୍କୁଲୁରେ ପଢ଼େଇ ଏଇ ମରଣ ଦଶା ଦେଖିବାକୁ ? ବୋଇଲା ସାଧୁ ସାବଧାନ...। ବେଳ ଥାଉଁ ବନ୍ଧ ବାନ୍ଧରେ କୁମର...! ନଇଲେ ଦିନର ସୂରୁଜ ଆଲୁଅ.. ରାତିର ମରକୁରି ନାଇଟିରେ ବି ଦିଶିବ ଅନ୍ଧାର । ହେଇଟି ବାବୁମାନେ ! ନେହୁରା ହଉଚି, ଆଗରୁ ଯେମିତି ଆମ ଦେଶୀୟ ଶିକ୍ଷାରେ ଗୁରୁମାନେ ଶିଷ୍ୟା-ଶିଷ୍ୟଙ୍କୁ ସଂଯମ ଚରିତ୍ର ଗଠନ, ପାପ-ପୁଣ୍ୟ ବିଚାର ପାଠ ପାଉଥିଲେ, ଚୋରି ନାରୀ ଅପକର୍ମ ଠୁ ଦୂରେଇ, ପର ଆପଣା ଭେଦ ନ ରଖି ପରମାତ୍ମାଙ୍କ ମହତ୍ତ୍ୱ କଥା କହି ସତ ପଥରେ ଚଳି, ପର ଉପକାର କରିବା ମଣିଷ ଧରମ ବୁଝାଉଥିଲେ, ସେଇ ଶିକ୍ଷା ସଂଯମୀ ଗୁରୁଙ୍କ ଦ୍ୱାରା ଦିଆଯିବାର ବ୍ୟବସ୍ଥା ନ କରି ବେପାରିଆ ବୁଦ୍ଧି ବିଦ୍ୟା ଦିଆ ବିଦ୍ୟାଳୟ ଖୋଲି ଶିକ୍ଷିତ କରିଦେଲୁ କହିଲେ ମୂରୁଖ ସିନା ବଢ଼ି କୁଳ ବୁଡ଼ିଯିବ.. ହେଲେ ପଇସାକର ଲାଭ ହବନି । ଯୋଉଠି ବାପ --ମା' ଲାଞ୍ଚୁଆ ମିଛୁଆ ଅନ୍ୟାୟ ଧନ କମେଇ, ଆପଣା ଚରିତ୍ର ନଷ୍ଟ କରୁଥିବେ, ସେମାନେ ପିଲାକୁ ଚରିତ୍ରବାନ କାହୁଁ କରିବେ ? ଆମ ଦେବ ଭୂଇଁ ଭାରତରେ, ଖାଲି ମାଳ ମାଳ ଅସୁର ଜନମ ହେବା ଥୟ ।

ହେ ଭଗବାନ! ମୁଁ ବିଚରା ମୂରୁଖ ଟ୍ରଲିବାଲା, ଖଟିଖିଆ.. ମଳିମୁଣ୍ଡିଆ କାହିଁକି ଏତେ ବେକାର ବକର ବକର ହେଇ ଏ ଚେଇଁ ଶୋଇଥିବା ନୋକଙ୍କୁ ଉଠ ଉଠ କହି ଚିଲାଉଛି କେଜାଣି ? ଢେରେ ସୁଖ ସଂସାର.. ଶିକ୍ଷା ପ୍ରହସନ ଦେଖିଲିଣି ।

ଟ୍ରଲିବାଲାର ମୂରୁଖ ମୁହଁରୁ ବାହାରୁଥିବା ମୂଲ୍ୟବାନ୍ କଥାରେ ଥିବା ଦମ୍, ଯେମିତି ମୋ ମଥାରେ ବମ୍ ଖଞ୍ଜିଦେଇଗଲା...!!

-ମଙ୍ଗରାଜପୁର, ପୁରୀ, ମୋ:୭୦୦୮୧୮୮୮୪୭



## ପୁସ୍ତକ ସମୀକ୍ଷା

### ଏକା ଏକା ରାସ୍ତାରେ

**ଲେଖିକା-ଡକ୍ଟର ଅର୍ଚ୍ଚନା ଆଚାର୍ଯ୍ୟ**
**ପ୍ରକାଶକ-ସୁଲଭ ପ୍ରକାଶନୀ**
**ବଳଗଣ୍ଡି, ପୁରୀ, ମୂଲ୍ୟ-୧୦୦ଟଙ୍କା**


'ଏକା ଏକା ରାସ୍ତାରେ' ଡକ୍ଟର ଅର୍ଚ୍ଚନା ଆଚାର୍ଯ୍ୟଙ୍କ କବିତା ପୁସ୍ତକ । ଜୀବନର ଚଲାପଥରେ ଅଜ୍ଞାତ ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ଅନ୍ଧାର ପଥରେ ଏକା ଏକା ରାସ୍ତା ଅତିକ୍ରମ କଲାବେଳେ କବୟିତ୍ରୀ ବାଟ ହୁଡି ନାହାନ୍ତି। ଯେଉଁ ପଥରେ ମୁନୀ ଓ ଋଷିମାନେ ଯାଇଛନ୍ତି ସେ ସେଇ ପଥ ଅନୁସରଣ କରିଛନ୍ତି । ସେ ଅନ୍ଧାର ଭିତରୁ ଆଲୋକର ସନ୍ଧାନ କରିଛନ୍ତି। ଜୀବନର ପଥେ ପଥେ ବିପଦ ସଙ୍କୁଳ ରାସ୍ତା ଅତିକ୍ରମ କରି ଯିବାକୁ ଶିଖିଛନ୍ତି । ସେ ଲେଖିଛନ୍ତି 'ଯାତ୍ରା ସରୁ ନ ଥାଏ/ରାସ୍ତା ବି ହାତ ଠାରୁଥାଏ/ଅଥଚ ନିର୍ବାଣର ଅପେକ୍ଷାରେ ମୁଁ ସଜ ହେଉଥାଏ/ସେମାନେ ବୁଝନ୍ତିନି ବୋଲି/ଥରକୁ ଥର କୁରାଢୀରେ ଚୋଟ ଖାଇ ମୁଁ ଅପେକ୍ଷା କରୁଥାଏ ନୂଆ ଏକ ସକାଳର ।' ପୁସ୍ତକଟି ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ଆଶା କରାଯାଏ ।




### ପ୍ରବନ୍ଧ ବିବିଧା

**ଲେଖକ-ଇଂ. ମାୟାଧର ସ୍ୱାଇଁ**
**ପ୍ରକାଶିକା-ଶ୍ରୀମତୀ ଅବନ୍ତୀ ସ୍ୱାଇଁ**
**ଲକ୍ଷ୍ମୀ ବିହାର, ଭୁବନେଶ୍ୱର -୧୮, ମୂଲ୍ୟ-୧୮୦ଟଙ୍କା**


'ପ୍ରବନ୍ଧ ବିବିଧା' ଇଂ. ମାୟାଧର ସ୍ୱାଇଁଙ୍କ ବିବିଧ ପ୍ରବନ୍ଧର ସମାହାର । ଏଥିରେ ୪୧ଟି ପ୍ରବନ୍ଧ ସ୍ଥାନ ପାଇଛି। ପୁସ୍ତକରେ ପରମାଣୁ ବୋମାଠାରୁ ଆରମ୍ଭ କରି ଲେଖକଙ୍କ କଲେଜ ଯିବା ସମୟର ଅନୁଭୂତି ବିଷୟରେ ବର୍ଣ୍ଣନା କରାଯାଇଛି। ପୁସ୍ତକଟିରେ ପୃଥିବୀର ସମସାମୟିକ ଘଟଣାବଳୀକୁ ନେଇ ଗବେଷଣାତ୍ମକ ଲେଖାଗୁଡିକ ଉପସ୍ଥାପନ ହୋଇଛି । ଯେଉଁ ଗୁଡିକୁ ପଢିଲେ ଅନେକ ବିଷୟରେ ଧାରଣା ହେବ । ଏଥିରେ ବିଜ୍ଞାନ, ଇତିହାସ, କଳା ଓ ସାହିତ୍ୟ ଆଦି ବିଭିନ୍ନ ବିଷୟରେ ଲେଖା ରହିଛି। ପୁସ୍ତକଟି ସାମ୍ପ୍ରତିକ ସମୟ ଲାଗି ଉପଯୋଗୀ ଓ ପାଠକାଦୃତି ଲାଭ କରିବ ।




### କାଳିଆର ଡୋରି

**ଲେଖକ-ସତ୍ୟବାଦୀ ବଳିଆରସିଂହ**
**ପ୍ରକାଶକ- ମାନସ ରଞ୍ଜନ ପଟ୍ଟନାୟକ**
**ଦଧିମାଛଗାଡିଆ, ଖୋର୍ଦ୍ଧା, ମୂଲ୍ୟ-୧୫୦ଟଙ୍କା**

ସତ୍ୟବାଦୀ ବଳିଆରସିଂହଙ୍କ 'କାଳିଆର ଡୋରି' ପୁସ୍ତକରେ ବଡଠାକୁର କାଳିଆଙ୍କ ମହିମା ଓ ତାଙ୍କ ଲିଳା ସମ୍ପର୍କରେ ବର୍ଣ୍ଣନାକରାଯାଇଛି। ଏଥିରେ ପୁରୁଷୋତ୍ତମ କ୍ଷେତ୍ର ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭାଷା ସମ୍ପର୍କରେ ବର୍ଣ୍ଣନା ରହିଛି। ସେ ସର୍ବବ୍ୟାପୀ, ସେ ଜଗତର ନାଥ । ତାଙ୍କ ମହିମା ଅପାର । ସର୍ବ ଧର୍ମ ସମନ୍ୱୟର କ୍ଷେତ୍ର ହେଉଛି ପୁରୀ । ମାନବବାଦର ଜୟଯାତ୍ରା କାହିଁ କେଉଁ କାଳରୁ ଏଠାରୁ ସୂତ୍ରପାତ ହୋଇ ସାରିଛି। ଜାତି, ବର୍ଣ୍ଣ, ଭାଷା ନିର୍ବିଶେଷରେ ସଂସାରର ବିଭିନ୍ନ ପ୍ରାନ୍ତରରୁ ମଣିଷ ଏଠାକୁ ଶାନ୍ତି ଓ ସନ୍ତୋଷ ପାଇଁ ଛୁଟି ଆସନ୍ତି । ଜଗତର ନାଥ ଜଗନ୍ନାଥ ଚିନ୍ତା ଚେତନାର ପ୍ରତୀକ। ପୁସ୍ତକରେ ଜଗନ୍ନାଥଙ୍କ ସମ୍ପର୍କରେ ଅନେକ ଅଲୌକିକ କଥା ବର୍ଣ୍ଣିତ ହୋଇଛି। ଯାହା ପାଠକୀୟତା ଲାଭ କରିବ ।




ବ୍ୟାକ୍ ପେଜ୍

# ପାଣି ଭିତରେ କିସ୍

ପ୍ରେମର ଭାବକୁ ପରିପ୍ରକାଶ କରିବାର ଏକ ମାଧ୍ୟମ ହେଉଛି ଚୁମ୍ବନ ବା କିସ୍। ସେ ପ୍ରେମୀ ଯୁଗଳ ହୁଅନ୍ତୁ ଅବା ସ୍ୱାମୀ ସ୍ତ୍ରୀ ଚୁମ୍ବନ ମାଧ୍ୟମରେ ନିଜ ଭଲ ପାଇବାକୁ ଜାହିର କରନ୍ତି। ତେବେ କାନାଡାର ମାଇଲ୍ସ କ୍ଲାଟିୟର୍ ଓ ଦକ୍ଷିଣ ଆଫ୍ରିକାର ବେଥ୍ ନିଏଲେ ନାମକ ଦମ୍ପତି ଚୁମ୍ବନକୁ ନେଇ ରେକର୍ଡ କରିବାକୁ ଚାହିଁଥିଲେ। ଆଉ ସେମାନେ ପାଣି ଭିତରେ ଦୀର୍ଘ ୪ ମିନିଟ ୬ ସେକେଣ୍ଡ ପର୍ଯ୍ୟନ୍ତ ପରସ୍ପରକୁ ଚୁମ୍ବନ ଦେଇଥିଲେ। ଫଳରେ ସେମାନଙ୍କ ନାମ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ୍‌ରେ ପାଣି ଭିତରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଚୁମ୍ବନ ଦେଇଥିବା ଦମ୍ପତିଭାବେ ସ୍ଥାନ ପାଇଲା। ମାଳଦ୍ୱୀପର ଏକ ସୁଇମିଂ ପୁଲ୍‌ରେ ଦୁହେଁ ଏହି ରେକର୍ଡ କରିଥିଲେ। ସକାଳ ୭ଟା ୩୦ରେ ସେମାନେ ପ୍ରୟାସ ଆରମ୍ଭ କରିଥିଲେ। ପ୍ରଥମେ ସେମାନେ ବ୍ରିଥ୍ ହୋଲ୍ଡ ୱାର୍ମ ଅପ୍, ତା'ପରେ ଦୁଇଟି ଟ୍ରାୟଲ ନେବା ପରେ ତୃତୀୟଥର ସଫଳ ହୋଇଥିଲେ। ସେମାନେ ଏହାକୁ କରିବା ଲାଗି ବହୁତ ଅଭ୍ୟାସ କରିଥିଲେ। ତଥାପି ଏହାକୁ କଲାବେଳେ ଜୀବନ ପ୍ରତି ବିପଦ ଥିଲା। ଅମ୍ଳଜାନ ଅଭାବରେ ଏତେ ସମୟ ଚୁମ୍ବନ ଦେଇ ରହିବା ବହୁତ କଷ୍ଟକର ଥିଲା। ବହୁ କଷ୍ଟରେ ସେମାନେ ରେକର୍ଡ କରିବାରେ ସଫଳ ହୋଇଥିଲେ।







# କପାଳରେ ଫଟାଇଲେ ୨୫୪ ଅଖରୋଟ୍

ଅଖରୋଟ୍ ବା ୱାଲନଟ୍ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ତେବେ ଏହା ଶକ୍ତ ହୋଇଥିବାରୁ ଏହାକୁ ଫଟାଇବା ବହୁତ କଷ୍ଟକର। କିଏ ହାତୁଡି ଖୋଜନ୍ତି ତ ଆଉ କିଏ କବାଟର କବ୍‌ଜା ମଝିରେ ରଖି ଏହାକୁ ଫଟାନ୍ତି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଜଣେ ବ୍ୟକ୍ତି ଏହି ଅଖରୋଟ୍‌କୁ ନିଜ କପାଳରେ ବାଡେଇ ଫଟାଇ ପାରନ୍ତି। ଆଉ ସେ କପାଳରେ ୨୫୪ଟି ଅଖରୋଟ ଫଟାଇ ଗିନିଜ୍ ୱାର୍ଲଡ ରେକର୍ଡରେ ସ୍ଥାନ ମଧ୍ୟ ପାଇଛନ୍ତି। ଏହି ବ୍ୟକ୍ତିଙ୍କ ନାମ ହେଉଛି ମହମ୍ମଦ ରଶିଦ୍। ଏହି ରେକର୍ଡ କରିବା ଲାଗି ମହମ୍ମଦଙ୍କ ହାତ ପଛପଟେ ବନ୍ଧା ଯାଇଥିଲା। ଆଉ ତାଙ୍କ ସାମ୍ନାରେ ଏକ ଲମ୍ବା ଟେବୁଲ୍‌ରେ ଅଖରୋଟ ଧାଡି ଧାଡି ରଖାଯାଇଥିଲା। ସେ ନିଜ କପାଳରେ ସେହିସବୁ ଅଖରୋଟ୍‌କୁ ଗୋଟିଏ ପରେ ଗୋଟିଏ ଫଟାଇଥିଲେ। ମାତ୍ର ୧ ମିନିଟ୍‌ରେ ସେ ୨୫୪ଟି ଅଖରୋଟ୍ ଫଟାଇ ପାରିଥିଲେ। ଫଟାଇବା ସମୟରେ ତାଙ୍କ କପାଳରୁ ରକ୍ତ ବି ବୋହିଥିଲା। ତଥାପି ସେ ଅଟକି ନ ଥିଲେ। ଆଉ ରେକର୍ଡ କରିବାରେ ସଫଳ ହେଲେ।





# ଏତେ ବଡ଼ ପତ୍ର!

ପୋଖରୀରେ ଫୁଟିଥିବା କଇଁ ଫୁଲ ଏତେ ସୁନ୍ଦର ଦେଖାଯାଏ ଯେ, ଘଡ଼ିଏ ଚାହିଁ ରହିବାକୁ ଇଚ୍ଛା ହୁଏ। ଆଉ ତାକୁ ତୋଳି ଆଣିବାକୁ ମନ ହୁଏ। କଇଁ ଫୁଲର ପତ୍ର ବି ସମସ୍ତେ ଦେଖିଥିବେ। ତେବେ ଆମେ ଏଠି ଯେଉଁ ପତ୍ର କଥା କହୁଛୁ ସେ ବି ଏକ ପ୍ରକାରର କଇଁ ଫୁଲର ପତ୍ର। ହେଲେ ଏହି ପତ୍ର ଏତେ ବଡ଼ ଯେ, ତା' ଉପରେ ଜଣେ ବୟସ୍କ ବ୍ୟକ୍ତି ଆରାମରେ ଶୋଇପାରିବ। ପାଣି ଉପରେ ଭାସୁଥିବା ଏହି ପତ୍ର ଏକ ଗୋଲାକାର ଶେଯ ଭଳି ଲାଗେ। ଏହ କଇଁ ଫୁଲର ନାମ ହେଉଛି ଭିକ୍ଟୋରିଆ ବଲିଭିଆନା ୱାଟର ଲିଲି। ଏହାର ବ୍ୟାସ ପ୍ରାୟ ୧୦ ଫୁଟ୍ ୬ ଇଞ୍ଚର ହେବାବେଳେ ପତ୍ର ଧାରର ମୋଟେଇ ୧୭ ସେ.ମି. ହୋଇଥାଏ। ତେଣୁ ଏହା ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ସବୁଠାରୁ ବଡ଼ ଅବିଭକ୍ତ ପତ୍ରର ମାନ୍ୟତା ପାଇଛି। ଏହାବାଦ୍ ଏହା ପୃଥିବୀର ସବୁଠାରୁ ବଡ଼ କଇଁ ପତ୍ରର ମାନ୍ୟତା ବି ପାଇଛି।